# ଲକ୍ଷ୍ମୀପୂଜା ପାଇଁ ଚଳଚଞ୍ଚଳ ସିନ୍ଦୋଳ

ତିହିଡ଼ି, ୧୧।୧୦ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ସିନ୍ଦୋଳ ପଞ୍ଚାୟତର ନୂଆପାଟଣା ଓ ସିନ୍ଦୋଳରେ 'ଲକ୍ଷ୍ମୀ, ସରସ୍ୱତୀ ଓ ନାରାୟଣ'ଙ୍କ ପୂଜା କୁମାରପୂର୍ଣ୍ଣିମାଠାରୁ ଆରମ୍ଭ ହେବ। ଏଥିପାଇଁ ସିନ୍ଦୋଳ ପଞ୍ଚାୟତ ସମେତ ଆଖପାଖ ଗାଁ ଗୁଡ଼ିକ ଚଳଚଞ୍ଚଳ ହୋଇଉଠିଛି। ନୂଆପାଟଣାରେ ଛେରାପହଁରା ସାଙ୍ଗକୁ ନେତ୍ରପଣା ନିଆରା ପରମ୍ପରା ହୋଇଥିବା ବେଳେ ମନ୍ଦିରରେ ଲକ୍ଷ୍ମୀ ନାରାୟଣ ଓ ସରସ୍ୱତୀ ଏକ ସାଙ୍ଗରେ ପୂଜା ପାଇଥାନ୍ତି। କୁମାର ପୂର୍ଣ୍ଣିମାଠାରୁ ୭ଦିନ ବ୍ୟାପୀ ଏହି ଅଞ୍ଚଳ ନାରାୟଣ ନାରାୟଣ ଧ୍ୱନିରେ ଉଚ୍ଛୁଳି ପଡ଼େ। ଆବାଳ ବୃଦ୍ଧ ବନିତା ବିଭୁ ପ୍ରେମରେ ବିଭୋର ହୁଅନ୍ତି। ପ୍ରତିବର୍ଷ ପରି ଚଳିତବର୍ଷ ପୂଜା ମଣ୍ଡପ ନିକଟରେ ମିନାବଜାର, ରାମଦୋଳି ସାଙ୍ଗକୁ ବିଭିନ୍ନ ପ୍ରକାର ଦୋକାନ ବଜାରର ପସରା ମେଲିବେ। ସେହିପରି ପ୍ରତ୍ୟହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପାଲା ଓ ଅପେରା ପାର୍ଟି ଯାତ୍ରା ପରିବେଷଣ କାର୍ଯ୍ୟକ୍ରମ ରହିଛି।

ଉଲ୍ଲେଖନୀୟ ଯେ, ୧୯୨୨ରୁ ପ୍ରଥମେ ନୂଆପାଟଣା ଗାଁ ଓ ଆଖପାଖ ଲୋକଙ୍କ ସହଯୋଗରେ ମୃଣ୍ମୟ ମୂର୍ତ୍ତି ତିଆରି କରାଯାଇ 'ଲକ୍ଷ୍ମୀ ନାରାୟଣ' ପୂଜା ହୋଇଆସୁଥିଲା। ୨୦୦୫ଠାରୁ ଗ୍ରାମରେ ସ୍ଥାୟୀ ମନ୍ଦିର ନିର୍ମାଣ କରାଯାଇ ପ୍ରସ୍ତର ବିଗ୍ରହ ସ୍ଥାପନ ପୂର୍ବକ ୭ଦିନ ଧରି ଧୁମ୍‌ଧାମ୍‌ରେ ପୂଜାର୍ଚ୍ଚନା କରାଯାଉଛି। ନାରାୟଣ ପୂଜା ନାମରେ ସ୍ଥାନୀୟ ଅଞ୍ଚଳରେ ଏହା ଏକ ଗଣପର୍ବ। ଡାକୁଆ ଠାକୁର ଭାବେ ପରିଚିତ ଲାଭ କରିଛନ୍ତି ନୂଆପାଟଣା ଗାଁର ଲକ୍ଷ୍ମୀନାରାୟଣ। ପୁରୀରେ ଠାକୁର ରାଜା ରଥରେ ଛେରାପହଁରା କରୁଥିବା ବେଳେ ଏଠାରେ କୁମାରପୂର୍ଣ୍ଣିମା ସନ୍ଧ୍ୟାରେ ଶତାଧିକ ପୁରୁଷ ଓ ମହିଳା ଶ୍ରଦ୍ଧାଳୁ ନିଜର ମାନସିକ ପୂରଣ ପାଇଁ ବିଜେ କଳସ ଆଗରେ ଛେରାପହଁରା କରନ୍ତି। ମାନପଣ୍ଡା ପୋଖରୀଠାରୁ ନୂଆପାଟଣା ଗ୍ରାମ ପ୍ରାୟ ୨ କି.ମି. ରାସ୍ତା ଛେରାପହଁରା କରାଯାଏ।

ସେହିପରି ନେତ୍ରୋତ୍ସବରେ ନେତ୍ରପଣା ଭୋଗ ପାଇଁ ଭକ୍ତଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳେ। ଏଠାରେ ଦୀର୍ଘ ୯୮ ବର୍ଷ ହେଲା କୁମାରପୂର୍ଣ୍ଣିମାରେ ଲକ୍ଷ୍ମୀନାରାୟଣ ପୂଜା ମହାସମାରୋହରେ ପାଳିତ ହୋଇଆସୁଛି। ବ୍ଲକର ଛୋଟବଡ଼ ଅନୁଷ୍ଠାନ ଉଦ୍ୟମରେ ପ୍ରତିବର୍ଷ ପାଳିତ ହେଉଛି ଲକ୍ଷ୍ମୀନାରାୟଣ ପୂଜା। ଭଦ୍ରକ-ଚାନ୍ଦବାଲି ରାସ୍ତାପାର୍ଶ୍ୱରେ ସିନ୍ଦୋଳଠାରେ ଅନ୍ୟ ଏକ ଅନୁଷ୍ଠାନ ୧୯୭୫ରୁ ଏହି ପର୍ବ ପାଳନ କରି ଆସୁଛି। ଅବିଭକ୍ତ ସିନ୍ଦୋଳ ପଞ୍ଚାୟତର କନାଟିଆ ଗ୍ରାମରେ ସ୍ୱର୍ଗତ ଗୋଲକ ପ୍ରସାଦ ଲେଙ୍କାଙ୍କ ବ୍ୟକ୍ତିଗତ ଉଦ୍ୟମରେ ୧୯୬୫ରୁ ଆରମ୍ଭ ହୋଇଥିବା ଲକ୍ଷ୍ମୀନାରାୟଣ ପୂଜା ଜାକଜମକରେ ଅନୁଷ୍ଠିତ ହୋଇଆସୁଛି।



ନୂଆପାଟଣା ଗ୍ରାମର ଲକ୍ଷ୍ମୀନାରାୟଣ ମନ୍ଦିର।

- ୯୮ ବର୍ଷ ଧରି ପାଳିତ ହୋଇଆସୁଛି ପୂଜା
- ଛେରାପହଁରା ସାଙ୍ଗକୁ ନେତ୍ରପଣା ନିଆରା ପରମ୍ପରା

## ସଂକ୍ଷେପରେ

### ବିନା ପର୍‌ମିଟ୍‌ରେ ବସ୍ ଚଳାଚଳକୁ ନେଇ ଉତ୍ତେଜନା

**ଭଦ୍ରକ ଅଫିସ,୧୧।୧୦:** ବିନା ପର୍‌ମିଟ୍‌ରେ ବସ୍ ଚଳାଚଳକୁ ନେଇ ଶୁକ୍ରବାର ଭଦ୍ରକ ବସ୍‌ଷ୍ଟାଣ୍ଡରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ବାଲେଶ୍ୱରରେ ଭଦ୍ରକ ମାଲିକଙ୍କ ଏକ ଗାଡ଼ିକୁ ସେଠାରେ କେତେକ ଲୋକ ଅଟକ ରଖିଥିଲେ ଓ ପରବର୍ତ୍ତୀ ମୁହୂର୍ତ୍ତରେ ଛାଡ଼ି ଦେଇଥିଲେ। ସେହିଭଳି ବାଲେଶ୍ୱର ମାଲିକଙ୍କ ଏକ ବସ୍‌କୁ ଭଦ୍ରକ ବସ୍‌ଷ୍ଟାଣ୍ଡରେ ଲୋକ ନେବାକୁ ସୁଯୋଗ ଦିଆଯାଇ ନ ଥିଲା। ଭଦ୍ରକ ବସ୍ ସିଣ୍ଡିକେଟ୍, ଟାଉନ ଥାନା ପୋଲିସ ଓ ଜିଲା ପରିବହନ ବିଭାଗ ହସ୍ତକ୍ଷେପ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ସୂଚନା ଅନୁଯାୟୀ ବାଲେଶ୍ୱର ବସ୍‌ଷ୍ଟାଣ୍ଡରୁ ସକାଳେ ଭୁବନେଶ୍ୱର ଅଭିମୁଖେ ଏକ ବସ୍‌ର ପର୍‌ମିଟ୍ ନ ଥିବା ଦର୍ଶାଇ ଭଦ୍ରକ ବସ୍‌ଷ୍ଟାଣ୍ଡରୁ ଯାତ୍ରୀଙ୍କୁ ଉଠାଇବାକୁ ସୁଯୋଗ ଦିଆଯାଇ ନ ଥିଲା। ଫଳରେ ଉକ୍ତ ବସ୍ ମାଲିକଙ୍କ କେତେକ ଲୋକ ବାଲେଶ୍ୱର ବସ୍‌ଷ୍ଟାଣ୍ଡରେ ଭଦ୍ରକର ଏକ ବସ୍‌କୁ କିଛି ସମୟ ଅଟକାଇ ଦେଇଥିଲେ। ଏ ସମ୍ପର୍କରେ ଜିଲା ପରିବହନ ଅଧିକାରୀ ବିରଞ୍ଚି ନାରାୟଣ ଅଧିକାରୀ ଉକ୍ତ ଗାଡ଼ିର ପର୍‌ମିଟ୍ ନ ଥିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

### ବାଜରପୁରରେ ପ୍ରାଣୀଧନ ଚିକିତ୍ସା ଶିବିର

**ଭଦ୍ରକ ଅଫିସ, ୧୧।୧୦:** ଆଦାନୀ ଧାମରା ବନ୍ଦରର ସିଏସ୍‌ଆର୍ ପ୍ରମୁଖ ଅଂଶ ଭାବେ ଆଦାନୀ ଫାଉଣ୍ଡେଶନ ପକ୍ଷରୁ ପ୍ରାଣୀଧନ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଜିଲା ପ୍ରାଣୀ ଚିକିତ୍ସା ବିଭାଗ ସହଯୋଗରେ ଚାନ୍ଦବାଲି ବ୍ଲକ କରଞ୍ଜମାଳ ବାଜରପୁର ଗ୍ରାମରେ ଶିବିର ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଲୋକେ ଏଠାରେ ସେମାନଙ୍କ ଗାଈ, ମଇଁଷି, ଛେଳି ଆଦି ପ୍ରାଣୀଧନର ବିଭିନ୍ନ ରୋଗର ପରୀକ୍ଷା କରାଇଥିଲେ। ଶିବିରରେ ପ୍ରାୟ ୪୨୬ ପ୍ରାଣୀଙ୍କ ଚିକିତ୍ସା କରାଯାଇଥିଲା। ପ୍ରାଣୀମାନଙ୍କୁ ବ୍ୟାପୁଥିବା ସଂକ୍ରାମକ ରୋଗଠାରୁ ରକ୍ଷା କରାଯିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଥିବା ଆଦାନୀ ଫାଉଣ୍ଡେଶନ ପକ୍ଷରୁ କୁହାଯାଇଥିଲା।

# ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ଗ୍ରାମବାସୀ ଧାରଣାରେ ବସିଛନ୍ତି।

ଭଦ୍ରକ ଅଫିସ, ୧୧।୧୦

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ପ୍ରତିବାଦରେ ଶୁକ୍ରବାର ଭଦ୍ରକ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହରିପୁର ପଞ୍ଚାୟତ ଭଟପୁର ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଧାରଣା ଦେଇଥିଲେ। ଗାଁର ୩୨ଟି ପରିବାରର ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହୋଇଥିବା ଗାଁ ଲୋକେ ଅଭିଯୋଗ କରିଥିଲେ। ସେମାନଙ୍କ ସହିତ ହରିପୁର ପଞ୍ଚାୟତ ସମିତିସଭ୍ୟା ଇତିଶ୍ରୀ ବେହେରା ଓ ନାଏବ ସରପଞ୍ଚ ପ୍ରଶାନ୍ତ ବିଶ୍ୱାଳ ଉପସ୍ଥିତ ଥିଲେ। ଧାରଣା ସ୍ଥଳରେ ଏମ୍‌ପିଙ୍କ ପ୍ରତିନିଧି ପହଞ୍ଚି ସମିତିସଭ୍ୟାଙ୍କ ସହିତ ଯୁକ୍ତିତର୍କ କରିଥିବା ଅଭିଯୋଗ କରିଥିଲେ ଆନ୍ଦୋଳନକାରୀ। ଏହାପରେ ବ୍ଲକ ଅଧ୍ୟକ୍ଷ ରଘୁନାଥ ଧଳ ହସ୍ତକ୍ଷେପ କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଆସନ୍ତା ଦୁଇଦିନ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀମାନେ ଅନଶନ ଭାଙ୍ଗି ଘରକୁ ଫେରିଥିବା ଜଣାଯାଇଛି। ତେବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି।

## ୩ ଘରୁ ଲକ୍ଷାଧିକ ଟଙ୍କା, ଅଳଙ୍କାର ଚୋରି

ଭଦ୍ରକ ଅଫିସ, ୧୧।୧୦

ଭଦ୍ରକ ଜିଲା ବନ୍ତ ଛକ ନିକଟସ୍ଥ ଆଚାର୍ଯ୍ୟନଗରର ୩ଟି ଘରୁ ଗୁରୁବାର ରାତିରେ ଚୋରି ହୋଇଛି। କବାଟ ଭାଙ୍ଗି ଲକ୍ଷାଧିକ ଟଙ୍କା ଓ ଅଳଙ୍କାର ଚୋରି ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିଲେ ମଧ୍ୟ କୌଣସି ସୁରାକ୍ ପାଇପାରି ନ ଥିବା ସୂଚନା ମିଳିଛି। ଆଚାର୍ଯ୍ୟନଗରର ରୀନାରାଣୀ ପ୍ରଧାନ, ମୋହନ ଚରଣ ଜେନା ଓ ତ୍ରିଲୋଚନ ସାହୁଙ୍କ ଘରୁ ଚୋରି ହୋଇଛି। ପାଖାପାଖି ୩ଟିଘରୁ ଗୋଟିଏ ରାତିରେ ଏକା ଢଙ୍ଗରେ ଚୋରି ହୋଇଥିବାରୁ ଗୋଟିଏ ଗ୍ୟାଙ୍ଗ ଦ୍ୱାରା ଏହି ଚୋରି ହୋଇଥିବା ଅନୁମାନ କରାଯାଉଛି। ସେହିପରି ଡାହାଣୀଗଡିଆ ଛକ ନିକଟସ୍ଥ ଏକ ଗ୍ୟାରେଜ୍‌ରୁ ମଧ୍ୟ ଚୋରି ହୋଇଥିବା ଜଣାପଡ଼ିଛି।

# ବନ୍ତରେ ଫୁଟବଲ ଟୁର୍ନାମେଣ୍ଟ

ବନ୍ତ, ୧୧।୧୦ (ସ୍ୱ.ପ୍ର.)

ବନ୍ତ ବ୍ଲକ ଆଗରପଡ଼ା ରାଉତରାପୁରସ୍ଥିତ ସୁବର୍ଣ୍ଣେଶ୍ୱର ୟୁଥ କ୍ଲବ ପକ୍ଷରୁ ସ୍ଥାନୀୟ ମିନିଷ୍ଟାଡିୟମଠାରେ ୧୭ତମ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ କେନ୍ଦୁଝର, ଭଦ୍ରକ, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାର ୮ଟି ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ଜିଲା ତରତରାର ମା' ତାରିଣୀ କ୍ଲବ ଭଦ୍ରକ ଆଗରପଡ଼ା କେସିଭିଏମ୍ ହଷ୍ଟେଲକୁ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଜିତେନ୍ଦ୍ର ବାରିକ, ଅକ୍ଷୟ ହେମ୍ବ୍ରମ, ଉତ୍ତମ ବାରିକ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଯୁବନେତା ଅଶୋକ ପାଣିଗ୍ରାହୀଙ୍କ ସଭାପତିତ୍ୱରେ କେନ୍ଦୁଝର ଜିଲାର ବିଶିଷ୍ଟ ଶିଳ୍ପପତି ଅଶୋକ ରାଉତ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଓଡ଼ିଆ ଚଳଚ୍ଚିତ୍ର ଜଗତର ହାସ୍ୟ ଅଭିନେତା ଲିଟିଲ ମାଷ୍ଟର ସୁମନ ମହାରଣା, ସର୍ବଭାରତୀୟ କିନ୍ନର ସମାଜର ରାଜ୍ୟ ଉପସଭାପତି ମେନକା ପରିଡ଼ା, ମଞ୍ଚ କଳାକାର ତଥା ସାମାଜିକକର୍ମୀ ବିଶ୍ୱଜିତ ମହାନ୍ତି ଓ କିନ୍ନର ସୁଇଟ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୧୩ ତାରିଖରେ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ଉଦ୍‌ଘାଟନୀ ଦିବସରେ ଅତିଥିଙ୍କ ସହ ଖେଳାଳି।

# ଶୋବାନଙ୍କୁ ମିଳିବ ବାର୍ଦ୍ଧକ୍ୟ ଭତ୍ତା

ବନ୍ତ,୧୧।୧୦(ଡି.ଏନ.ଏ.)

**ଧରିତ୍ରୀ ପ୍ରଭାବ**

ଭଦ୍ରକ ଜିଲା ବନ୍ତ ବ୍ଲକ ପଧାନପଡ଼ା ଆଦିବାସୀ ସାହିର ଶୋବାନ ମୁଣ୍ଡାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କିନ୍ତୁ ଶୋବାନଙ୍କ ସ୍ତ୍ରୀ ମଞ୍ଜୁଙ୍କର ଆବଶ୍ୟକ କାଗଜପତ୍ର ନ ଥିବାରୁ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଉଲ୍ଲେଖନୀୟ ଯେ, ଏହି ଦମ୍ପତିଙ୍କର ବୟସ ହୋଇଥିଲେ ମଧ୍ୟ ସେମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳୁ ନ ଥିବା ନେଇ ଗତ ସେପ୍ଟେମ୍ବର ୨୨ ତାରିଖରେ ଧରିତ୍ରୀରେ ଖବର ପ୍ରକାଶିତ ହୋଇଥିଲା। ଏହା ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଜିଲା ଉନ୍ନୟନ ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଣ୍ଡଳ ଉକ୍ତ ଗ୍ରାମକୁ ଆସି ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଉପଜିଲାପାଳଙ୍କ ଚିଠି ନଂ.୬୨୧/ତା. ୪।୧୦।୧୯ ଅନୁଯାୟୀ ସମ୍ପୃକ୍ତ ପରିବାରର ଶୋବାନଙ୍କୁ ଭତ୍ତା ପ୍ରଦାନ କରାଯିବା ନେଇ ଆଦେଶନାମା ହୋଇଛି। ଆସନ୍ତା ୧୫ ତାରିଖରେ ତାଙ୍କୁ ସେପ୍ଟେମ୍ବର ଓ ଅକ୍ଟୋବର ଦୁଇମାସର ଭତ୍ତା ମିଳିବ। ଅପରପକ୍ଷେ ମଞ୍ଜୁଙ୍କର ଆଧାରକାର୍ଡ ନ ଥିବାରୁ ସେ ଏଥିରୁ ବାଦ୍ ପଡ଼ିଛନ୍ତି। ଏ ସମ୍ପର୍କରେ ସାମାଜିକ ସୁରକ୍ଷା ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ନିଶାକର ଖୁଣ୍ଟିଆଙ୍କୁ ପଚାରିବାରୁ ଆବଶ୍ୟକ କାଗଜପତ୍ର ପ୍ରଦାନ କଲେ ମଞ୍ଜୁଙ୍କୁ ଭତ୍ତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ୭ ଦିନ ମଧ୍ୟରେ ଅନିୟମିତତାର ହେବ ତଦନ୍ତ

ବନ୍ତ, ୧୧।୧୦ (ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର, ସାମାଜିକ ସୁରକ୍ଷା ଆଦି ଯୋଜନାରେ ବିଭିନ୍ନ କାର୍ଯ୍ୟରେ ବ୍ୟାପକ ଅନିୟମିତତା ପ୍ରତିବାଦରେ ଗତ ବୁଧବାରଠାରୁ ରାମଚନ୍ଦ୍ରପୁର ପଞ୍ଚାୟତ ସିପିଆଇ କମିଟି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଜାରି ରହିଥିଲା। ଶୁକ୍ରବାର ପ୍ରଶାସନ ପକ୍ଷରୁ ତଦନ୍ତ ପ୍ରତିଶ୍ରୁତି ମିଳିବା ପରେ ସିପିଆଇ ଅନଶନରୁ ଓହରିଛି।

ପ୍ରକାଶ ଯେ, ଗୁରୁବାର ସୁଦ୍ଧା କୌଣସି ପ୍ରଶାସନିକ ଅଧିକାରୀ ଅନଶନକାରୀଙ୍କ ସହ ଆଲୋଚନା କରି ନ ଥିଲେ। ଫଳରେ ଶୁକ୍ରବାରଠାରୁ ଭଦ୍ରକ-ଆନନ୍ଦପୁର ୫୩ ନଂ. ରାଜ୍ୟ ରାଜପଥକୁ ଅବରୋଧ କରିବା ପାଇଁ ସିପିଆଇ ନିଷ୍ପତ୍ତି ନେଇଥିଲା। ଶୁକ୍ରବାର ଭଦ୍ରକ ଅତିରିକ୍ତ ଜିଲା ପ୍ରକଳ୍ପ ସଂଯୋଜକ ରାଜେନ୍ଦ୍ର ପ୍ରସାଦ ପଣ୍ଡା ଅନଶନ ସ୍ଥଳରେ ପହଞ୍ଚି ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। ନିଷ୍ପତ୍ତି କ୍ରମେ ବିଡିଓଙ୍କ କକ୍ଷରେ ସିପିଆଇର ନେତୃତ୍ୱ ଓ ପ୍ରଶାସନିକ ଅଧିକାରୀଙ୍କ ବୈଠକ ବସିଥିଲା। ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ବିଡିଓ ରେବେକା ବିଲୁଙ୍ଗ, ଥାନାଧିକାରୀ ମୀନା ବିନ୍ଧାଣୀ, ସିପିଆଇ ଜିଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ବରିଷ୍ଠ ସିପିଆଇ ନେତା ଗୋପବନ୍ଧୁ ସେଠୀ, ସିପିଆଇର ଜୋନ୍ ସମ୍ପାଦକ ରମେଶ ଜେନା, ସହସମ୍ପାଦକ ପରମେଶ୍ୱର ବାରିକ, ଫକୀର ବିଶ୍ୱାଳ, ସୁବାସ ଚନ୍ଦ୍ର ବେହେରା, ମାର୍କଣ୍ଡ ବାରିକ ଓ ରବୀନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ୭ ଦିନ ମଧ୍ୟରେ ଅନିୟମିତତା ନେଇ ତଦନ୍ତ କରାଯାଇ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପଣ୍ଡା ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା।



ଆଲୋଚନା ବେଳେ ଉପସ୍ଥିତ ଅଧିକାରୀ ଓ ସିପିଆଇ ନେତୃତ୍ୱ।

**ଅନଶନରୁ ଓହରିଲା ସିପିଆଇ**

## କ୍ଷତ୍ରିୟ ମହାସଭାର ଶସ୍ତ୍ର ପୂଜା

ଭଦ୍ରକ ଅଫିସ,୧୧।୧୦

ଖଣ୍ଡାୟତ ଓ କ୍ଷତ୍ରିୟ ମହାସଭା ଧାମନଗର ବ୍ଲକ କାସିମପୁର ଶାଖାର ସନ୍ତକ ପୂଜା ଓ ଶସ୍ତ୍ର ପୂଜନ ଉତ୍ସବ ପାରମ୍ପରିକ ରୀତିରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ କଳସ ଶୋଭାଯାତ୍ରା ବାହାରି ପୂଜାସ୍ଥଳରେ ପହଞ୍ଚିଥିଲା। ଏହାପରେ ମା' ଦୁର୍ଗାଙ୍କଠାରୁ ଆଜ୍ଞାମାଳ ଅଣାଯାଇ ପାରମ୍ପରିକ ପୂଜା, ହୋମ ଯଜ୍ଞ ଓ ସନ୍ତକ ପୂଜା ଅନୁଷ୍ଠିତ ହୋଇଥିଲା। ଶେଷରେ ମହାସଭାର ସମସ୍ତ ସଦସ୍ୟ ନିଜର ପାରମ୍ପରିକ ଅସ୍ତ୍ର ସହ ଗ୍ରାମ ପରିକ୍ରମା କରିଥିଲେ। ମହାସଭାର ସଦସ୍ୟ ବିକ୍ରମାଦିତ୍ୟ ନାୟକ, ମନମୋହନ ନାୟକ, ପ୍ରସନ୍ନ ନାୟକ, ବିଜୟ ଭୂଷଣ ନାୟକ, ଧର୍ମାନନ୍ଦ ନାୟକ, ରାଧାମାଧବ ନାୟକ, ରୁଦ୍ରମାଧବ ନାୟକ, ବିରଞ୍ଚି ନାରାୟଣ ନାୟକ, ଅମୂଲ୍ୟ ନାୟକ, ଗୁଣନିଧି ନାୟକ ଓ ଧୀରେନ୍ଦ୍ର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : balasoreselfie@gmail.com



ଛବିନ୍ଦ୍ର



ପ୍ରିୟଙ୍କା



ସୁଧୀର



ଅତିସ୍



ନରୋତ୍ତମ



ନିର୍ମଳ



ସତ୍ୟଜିତ୍

## ସଂକ୍ଷେପରେ

### ପାଣିରେ ବୁଡ଼ି ଶିଶୁ ମୃତ

ବସ୍ତା, ୧୧।୧୦(ସ୍ୱ.ପ୍ର.): ବସ୍ତା ଥାନା ଧୋବଚକୁରାଇ ଗ୍ରାମର ପତିତପାବନ ଆଚାର୍ଯ୍ୟଙ୍କ ୩ବର୍ଷର ପୁଅ ସୋନୁ ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଶୁକ୍ରବାର ସେ ପରିବାର ଲୋକଙ୍କ ଦୃଷ୍ଟି ଅଗୋଚରରେ ଘରପାଖ ପୋଖରୀକୁ ଚାଲିଯାଇଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇ ବସ୍ତା ହସ୍ପିଟାଲକୁ ଅଣାଯାଇଥିଲା। ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସ୍ଥାନୀୟ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ୧୫ ଦିନ ହେଲା ଅନ୍ଧାରରେ ୩ ଗ୍ରାମ

ବାଲିଆପାଳ, ୧୧।୧୦(ଡି.ଏନ.ଏ.)- ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତର ୩ ଗ୍ରାମ ନୟାବାଲି, ରସଲପୁର ଓ ବିଷ୍ଣୁପୁର ୧୫ ଦିନ ହେଲା ଅନ୍ଧାରରେ ରହିଛି। ଏହି ୩ଟି ଗ୍ରାମର ପାଖାପାଖି ୧୫୦ ପରିବାର ନୟାବାଲିଠାରେ ଥିବା ୧୦୦କେଭି ଟ୍ରାନ୍ସଫର୍ମର ଉପରେ ନିର୍ଭର କରନ୍ତି। ଅଧିକ ଲୋଡ ହେବା ଫଳରେ ଗତ ୨୪ ତାରିଖ ରାତିରେ ଟ୍ରାନ୍ସଫର୍ମର ପୋଡିଯାଇଥିଲା। ସେବେଠାରୁ ଆଜି ପର୍ଯ୍ୟନ୍ତ ଗ୍ରାମର ଲୋକମାନେ ଅନ୍ଧାରରେ ରହିଛନ୍ତି। ଫଳରେ ବିଦ୍ୟୁତ ଦ୍ୱାରା ସମସ୍ତ କାର୍ଯ୍ୟ ବନ୍ଦ ହୋଇଯାଇଛି। ଏପରିକି ଧାନକୁଟା ମେଶିନ ଓ ଗଭୀର ନଳକୂପରୁ ପାଣି ବାହାରିପାରୁନାହିଁ। ଗ୍ରାମରେ ବହୁ ଲୋକଙ୍କ ଉପରେ ବକେୟା ବହୁ ଅର୍ଥ ବାକି ରହିଥିବାରୁ ନୂଆ ଟ୍ରାନ୍ସଫର୍ମର ବସାଇବା ପାଇଁ ସମ୍ଭବ ହେଉନାହିଁ ବୋଲି ବିଭାଗୀୟ କନିଷ୍ଠଯନ୍ତ୍ରୀ କହିଛନ୍ତି। ତେବେ ଯେଉଁମାନେ ମାସର ଠିକ୍ ସମୟରେ ବିଲ୍ ପୈଠ କରନ୍ତି ସେମାନେ ବିଦ୍ୟୁତ ନ ପାଇବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗ୍ରାମର ଅନିତା କର, କଳ୍ପନା ଦାସ, ନୟନ ପାଣିଗ୍ରାହୀ, ଶ୍ରୀପତି ପାତ୍ର, ସୁନୀଲ ଜେନା, ଛବିରାଣୀ ସାହୁ, ବାବୁ ପାଣିଗ୍ରାହୀ ଓ ବିଜୟ ଦାସ ପ୍ରମୁଖ ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି।

### ସୋରରେ ଲୁଟେରାଙ୍କ ଆତଙ୍କ

ସୋର, ୧୧।୧୦(ଡି.ଏନ୍.ଏ.): ସୋରରେ ଦିନକ ତଳେ ରାଇପୁର ମଠ ନିକଟରେ ଥିବା ଏକ ଗହଣା ଦୋକାନ ମାଲିକଙ୍କୁ ୨ଜଣ ଦୁର୍ବୃତ୍ତ ବନ୍ଧୁକ ଓ ଭୁଜାଲି ଦେଖାଇ ସୁନାଚେନ୍, ମୋବାଇଲ ସହ ପାଖରେ ଥିବା ୨୫ ହଜାର ଟଙ୍କା ଝାମ୍ପି ନେଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଏହାର ୨୪ ଘଣ୍ଟା ନ ପୂରୁଣୁ ଆଉ ୨ଟି ଲୁଟ୍ ପୋଲିସ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇଛି। ଗୁରୁବାର ରାତି ୧୦ଟା ବେଳେ ଗୋପାଳପୁରରେ ଥିବା ସାଇ ଅଟୋମୋବାଇଲ ଫାଇନାନ୍ସ କର୍ମଚାରୀ ମନୋଜ କୁମାର ମହାନ୍ତି ବାଇକ ନେଇ ଘରକୁ ଫେରୁଥିବା ବେଳେ ଛପୋଲିଆଠାରେ ୩ଜଣ ଯୁବକ ବନ୍ଧୁକ ଓ ଭୁଜାଲି ଦେଖାଇ ୨୧ ହଜାର ଟଙ୍କା ଓ ମୋବାଇଲ ଛଡାଇ ନେଇଥିଲେ। ଏହାର କିଛି ସମୟ ପରେ ସେହି ଏକା ସ୍ଥାନରେ ବାଲେଶ୍ୱରରୁ ଭଦ୍ରକ ଆଡକୁ ଯାଉଥିବା ରାଜସ୍ଥାନର ମାର୍ବଲ ବ୍ୟବସାୟୀ ଦୀନେଶ କୁମାରଙ୍କ ବାଇକ୍‌ରେ ଆସୁଥିବା ବେଳେ ୫ ଜଣ ଯୁବକ ତାଙ୍କୁ ଅଟକାଇ ବନ୍ଧୁକ ଭୁଜାଲି ଦେଖାଇ ୧୪ ହଜାର ଟଙ୍କା ଓ ମୋବାଇଲ ଛଡାଇ ନେଇଥିଲେ। ଏନେଇ ସୋର ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ନର୍ସିଂହୋମ ଉପରେ ଚଢ଼ାଉ

ସୋର, ୧୧।୧୦(ଡି.ଏନ୍.ଏ.): ସୋରରେ ଥିବା ଏକ ନର୍ସିଂହୋମ୍ ଓ ଡାକ୍ତରଖାନା ନିକଟରେ ଥିବା ଅନ୍ୟ ଏକ କ୍ଲିନିକ୍‌ରେ ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗ ସହ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ୨ଟି ଅଲଟ୍ରା ସାଉଣ୍ଡ ମେଶିନ୍ ସିଲ୍ କରାଯାଇଛି। ନର୍ସିଂହୋମ୍‌ରେ ଥିବା ଅଲଟ୍ରାସାଉଣ୍ଡ ମେଶିନ୍‌ରେ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରା ନ ଯାଇ ଅନ୍ୟମାନଙ୍କ ଦ୍ୱାରା କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା। କୋର୍ଟଙ୍କ ରାୟ ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଏହି ଚଢ଼ାଉ କରାଯାଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବାଲେଶ୍ୱର ଜିଲା ଉପଜିଲାପାଳ ନିଲୁ ମହାପାତ୍ର, ସୋର ତହସିଲଦାର ଦେବୀପ୍ରସାଦ ଦାଶ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ବାନାର୍ଜି ପ୍ରସାଦ ଛୋଟରାୟ ପୋଲିସ ଉପସ୍ଥିତିରେ ଏହି ନର୍ସିଂହୋମ୍‌ରେ ଥିବା ଅଲଟ୍ରାସାଉଣ୍ଡ ମେଶିନ ସିଲ୍ କରାଯାଇଛି। ସେହିପରି ଡାକ୍ତରଖାନା ନିକଟରେ ଅନ୍ୟ ଏକ କ୍ଲିନିକ୍‌ରେ ଥିବା ଅଲଟ୍ରା ସାଉଣ୍ଡ ମେଶିନ୍‌କୁ ସ୍ୱଳ୍ପ ସମୟ ପାଇଁ ବନ୍ଦ ରଖାଯାଇଛି।

## ବିଧାୟକ-ତହସିଲଦାର ମୁହାଁମୁହିଁ ଘଟଣା

# ଜିଲାପାଳଙ୍କ ସହ ମୋହରିର ସଂଘର ଆଲୋଚନା

ବାଲେଶ୍ୱର ଅଫିସ/ସଜନାଗଡ଼, ୧୧।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ତହସିଲ ପରିସରରେ ଗତ ୪ ତାରିଖରେ ନୀଳଗିରି ତହସିଲଦାର ସୁଶ୍ରୀତା ଟୁଡୁ କଚେରି ପରିସରରେ ଥିବା ମୋହରିରଙ୍କ ଚାଳିଆ ଭାଙ୍ଗିବାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଏହାକୁ ନେଇ ତହସିଲଦାରଙ୍କ ସହିତ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ମୁହାଁମୁହିଁ ହୋଇଥିଲେ। ତହସିଲଦାରଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ବିଧାୟକ ଇଂ. ନାୟକ ନୀଳଗିରି ଉପଜିଲାପାଳ ଅଫିସ୍ ସମ୍ମୁଖରେ ଆମରଣ ଅନଶନ କରିଥିଲେ। ଉଭୟ ପକ୍ଷରୁ ଥାନାରେ ପୃଥକ ମାମଲା ରୁଜୁ ହେବା ସହ ପରିସ୍ଥିତି ଅଣାୟତ୍ତ ହୋଇଥିଲା। ରାତି ୧୧ଟାରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଘଟଣାସ୍ଥଳରେ ପହଞ୍ଚି ବିଧାୟକଙ୍କ ସହ ଆଲୋଚନା କରିଥିଲେ। ପୂଜା ଛୁଟି ଭିତରେ ମୋହରିରଙ୍କ ଚାଳିଆ ନିର୍ମାଣ ଏବଂ ତହସିଲଦାରଙ୍କ ବଦଳି ଦାବି ନେଇ



ଜିଲାପାଳଙ୍କୁ ସାକ୍ଷାତ କରିବାକୁ ଆସିଥିବା ମୋହରିର ଓ ଆଇନ୍‌ଜୀବୀ ସଂଘର ନେତୃବର୍ଗ।

ଆଲୋଚନା କରିଥିଲେ। ପୂଜା ଛୁଟି ଶେଷ ପରେ ଶୁକ୍ରବାର ମୋହରିରଙ୍କ ଚାଳିଆ ନିର୍ମାଣ ନ ହେବା ଏବଂ ତହସିଲଦାରଙ୍କ ବଦଳି ସମ୍ପର୍କରେ କୌଣସି ପଦକ୍ଷେପ ନ ନିଆଯାଇଥିବା ପ୍ରତିବାଦରେ ଶୁକ୍ରବାର ମୋହରିର ସଂଘ ଓ ଆଇନଜୀବୀମାନେ ମିଳିତ ଭାବେ ଜିଲାପାଳଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ।

ମୋହରିରମାନଙ୍କୁ କାର୍ଯ୍ୟ କରିବା ପାଇଁ ଗଛମୂଳ, କାର୍ଯ୍ୟାଳୟ ବାରଣ୍ଡାରେ ବସିବାକୁ ପଡ଼ିଛି। ନିଜର ପେଟପାଟଣାକୁ ଆଖି ଆଗରେ ରଖି ସ୍ଥାୟୀ ସମାଧାନ ପାଇଁ ଶୁକ୍ରବାର ଅପରାହ୍ନରେ ମୋହରିର ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ସବଡିଭିଜନାଲ ବାର ସଂଘର ସଭାପତି ଚିତ୍ତରଞ୍ଜନ ଷଡ଼ଙ୍ଗୀ, ନୀଳଗିରି ବାର୍ ସଂଘର ସଭାପତି ମିହିର ରାଉତଙ୍କ ନେତୃତ୍ୱରେ ମୋହରିର ଓ ଅନ୍ୟ ଆଇନଜୀବୀମାନେ ଅପରାହ୍ନ ୩ଟା ୩୦ମିନିଟ୍‌ରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ସାକ୍ଷାତ କରିଥିଲେ। ମୋହରିରମାନଙ୍କର ଥଇଥାନ ସହିତ ନିରପେକ୍ଷ ତଦନ୍ତ କରାଯାଇ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ନୀଳଗିରି ବାର୍ ସଂଘର ସାଧାରଣ ସମ୍ପାଦକ ସୁବାଶିଷ ଦାସମହାପାତ୍ର, ମୋହରିର ସଂଘର ସମ୍ପାଦକ ଅମରେନ୍ଦ୍ର ଦାସମହାପାତ୍ର, ଆଇନଜୀବୀ ଅମୀୟ ନାୟକ, କିଶୋର ଦାସ, ମୋହରିର ଗୌରହରି ବେହେରା ସମେତ ବହୁ ସଦସ୍ୟ ଆଲୋଚନାରେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି ଯେ, ମୋହରିରମାନଙ୍କ ପାଇଁ ଉପଯୁକ୍ତ ଏବଂ ସ୍ଥାୟୀ ଚାଳିଆ ନିର୍ମାଣ ନୀଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନାଙ୍କ ସହ ଆଲୋଚନା କରି ସ୍ଥିର କରାଯିବ। ଅନ୍ୟପକ୍ଷରେ ତହସିଲଦାର ଏବଂ ବିଧାୟକ, ଆଇନଜୀବୀଙ୍କ ବିବାଦକୁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ରିପୋର୍ଟକୁ ଭିତ୍ତି କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ଜିଲାପାଳଙ୍କୁ ସହାୟତା ପାଇଁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଉଛି।

## ପ୍ଲାଷ୍ଟିକ ମୁକ୍ତ ବାଲେଶ୍ୱର ପାଇଁ ଆହ୍ୱାନ

ବାଲେଶ୍ୱର ଅଫିସ, ୧୧।୧୦

ପ୍ଲାଷ୍ଟିକ ମୁକ୍ତ ଭାରତ ନିର୍ମାଣ କରିବା ପାଇଁ କେନ୍ଦ୍ର ସରକାରଙ୍କ ସହ ସାମିଲ ହୋଇଥିବା ଅଖିଳ ଭାରତୀୟ ତେରାପନ୍ଥ ମହିଳା ମଣ୍ଡଳ ଗତ ୨ତାରିଖରୁ ବିଭିନ୍ନ କାର୍ଯ୍ୟକ୍ରମ ପ୍ରମୁଖ ସହରମାନଙ୍କରେ ଆରମ୍ଭ କରିଛି। ଶୁକ୍ରବାର ପୂର୍ବାହ୍ନରେ ଶ୍ରୀ ଜୈନ ଶ୍ୱେତାମ୍ବର ତେରାପନ୍ଥ ମହିଳା ମଣ୍ଡଳ, ବାଲେଶ୍ୱର ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସରକାରଙ୍କ ପ୍ଲାଷ୍ଟିକମୁକ୍ତ ଅଭିଯାନରେ ସାମିଲ୍ କରିବା ପାଇଁ ସେମାନେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କଠାରେ ନିବେଦନ କରିଛନ୍ତି।

ଅନୁଷ୍ଠାନର କର୍ମକର୍ତ୍ତାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଏବଂ ସିନେମା ବଜାରର ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଇବା ସହ ଜନସାଧାରଣଙ୍କୁ ପ୍ଲାଷ୍ଟିକ ବ୍ୟବହାରର ଭୟାବହ ସମ୍ପର୍କରେ ସଚେତନ କରାଇଥିଲେ। ଅନୁଷ୍ଠାନ ସଭାପତି ଉର୍ମିଳା ସିଂହି, ସମ୍ପାଦକ ଅଞ୍ଜୁ ସିଂହି, ସଦସ୍ୟା ସରିତା ମାଲୁ, ପୁଷ୍ପା ଧାଡ଼େୱା, ଶର୍ମିଳା ମାଲୁ ଓ ପ୍ରୀତି ମାଲୁ ପ୍ରମୁଖ ସାମିଲ ଥିଲେ।



ଶୋଭାଯାତ୍ରାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

## ବିଶ୍ୱ ଦୃଷ୍ଟି ଦିବସରେ ସଚେତନତା ଶୋଭାଯାତ୍ରା

ବାଲେଶ୍ୱର ଅଫିସ, ୧୧।୧୦

ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲାସ୍ତରୀୟ ବିଶ୍ୱ ଦୃଷ୍ଟି ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ସଚେତନତା ଶୋଭାଯାତ୍ରାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟ ଶୁଭାରମ୍ଭ କରିଥିଲେ। ନିୟମିତ ଚକ୍ଷୁ ପରୀକ୍ଷା ଓ ଉପଯୁକ୍ତ ଯତ୍ନ ଦୃଷ୍ଟିଶକ୍ତିଜନିତ ଜଟିଳ ସମସ୍ୟାକୁ ପ୍ରତିରୋଧ କରିଥାଏ ବୋଲି ଡା. ଛୋଟରାୟ ପ୍ରକାଶ କରିଥିଲେ।

ପରେ ଜିଲା ମୁଖ୍ୟ ଚିକିତ୍ସାଳୟର ତାଲିମ ପ୍ରକୋଷ୍ଠରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଚକ୍ଷୁ ରୋଗ ଓ ଦୃଷ୍ଟିଶକ୍ତିଜନିତ ସମସ୍ୟାର ପ୍ରତିରୋଧ ତଥା ନିୟନ୍ତ୍ରଣ ସମ୍ପର୍କରେ ସଚେତନ ହୋଇ ଅନ୍ଧତ୍ୱ ଦୂରୀକରଣ କାର୍ଯ୍ୟକ୍ରମକୁ ସଫଳ କରିବାକୁ ବକ୍ତାମାନେ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ପରେଶ ଚନ୍ଦ୍ର ନନ୍ଦୀ, ଡା. ସନ୍ଧ୍ୟାରାଣୀ ପଟ୍ଟନାୟକ, ଡା. ସୁଜିତ ନାରାୟଣ ମହାପାତ୍ର, ଡା. ଗିରିଶ ଚନ୍ଦ୍ର ପତି, ଡା. ଅନ୍ତର୍ଯ୍ୟାମୀ ମିଶ୍ର, ନରେଶ ଚନ୍ଦ୍ର ଦାଶ, ରମଣୀକାନ୍ତ ଭଞ୍ଜ ଓ ମନୋଜ କୁମାର ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କର ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହେବା ସହିତ ମାଗଣା ଚଷମା ବଣ୍ଟନ କରାଯାଇଥିଲା।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ସୋର, ୧୧।୧୦(ଡି.ଏନ.ଏ.)

ତାଲୁକ୍ ସ୍ତରୀୟ ଆଇନ ସେବା ସମିତି ଆନୁକୂଲ୍ୟରେ ସୋର ଡାକ୍ତରଖାନା ପରିସରରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ସୋର କୋର୍ଟର ମୁନ୍‌ସୀ ମମିତା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ ଡ. ଦୁର୍ଗାଶଙ୍କର ଦାଶ, ସୋର ବାର ଆସୋସିଏଶନ୍ ସମ୍ପାଦକ ମନୋରଞ୍ଜନ ରାଉତ, ଓ ଖବରଦାତା ଗୌରୀ ଶଙ୍କର ଘଡାଇ ପ୍ରମୁଖ ଯୋଗଦେଇଥିଲେ। ଆଇନ ସେବା କମିଟିର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଘଡାଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ପିଏଚ୍‌ଇଓ ବୈକୁଣ୍ଠନାଥ ଧାମୁଡିଆ ଧନ୍ୟବାଦ ଦେଇଥିଲେ।

## ୯ଦିନ ବିତିଲା: ନିଖୋଜ ମହିଳାଙ୍କ ସନ୍ଧାନ ମିଳୁନି

ରୂପ୍‌ସା, ୧୧।୧୦(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ କସିପଦା ପଞ୍ଚାୟତ ଅନ୍ତର୍ଗତ ଆଗମୌଜା ଗ୍ରାମର ସଞ୍ଜୟ ବେହେରାଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ନିଖୋଜ ଘଟଣାର ୯ ଦିନ ବିତିଗଲାଣି। ହେଲେ ଏଯାଏ କୌଣସି ଖୋଜ ଖବର ନ ମିଳିବାରୁ ପରିବାର ଲୋକେ ଚିନ୍ତାରେ ଦିନ ବିତାଉଛନ୍ତି। ମା'କୁ ଛାଡ଼ି ୪ବର୍ଷର ଶିଶୁପୁତ୍ର ଜଣକ ବାପା ପାଖରେ ଦୟନୀୟ ଅବସ୍ଥାରେ ରହୁଛି। ଏ ସଂକ୍ରାନ୍ତରେ ସ୍ୱାମୀ ସଞ୍ଜୟ ରୂପ୍‌ସା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ମଧ୍ୟ ଅନୁସନ୍ଧାନ ଜାରି ରହିଛି।

ଗତ ୩ ତାରିଖରେ ଅନ୍ନପୂର୍ଣ୍ଣା ଶୌଚ ହେବାକୁ ଯାଇ କହି ଘରକୁ ପଳାଇଥିବା ପରିବାର ଲୋକେ କହିଛନ୍ତି। ଗାଁରୁ ଆରମ୍ଭ କରି ବନ୍ଧୁବାନ୍ଧବ, ସମ୍ପର୍କୀୟଙ୍କ ଘରେ ଖୋଜାଖୋଜି କରି ଅନ୍ନପୂର୍ଣ୍ଣାଙ୍କୁ ପାଇବାରେ ବିଫଳ ହୋଇଛନ୍ତି। ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ନ ମିଳିବାରୁ ସଞ୍ଜୟ ଥାନାର ଦ୍ୱାରସ୍ଥ ହୋଇଥିଲେ। ୪ବର୍ଷର ଶିଶୁପୁତ୍ରଙ୍କୁ ଛାଡ଼ି ମହିଳା ଜଣକ ଘର ଛାଡ଼ି ନିଖୋଜ ହେବା ଘଟଣା ପରିବାରରେ ଅଶାନ୍ତି ଆଣି ଦେଇଛି। ୨୦୧୧ ମସିହାରେ ବାଲେଶ୍ୱରର କୁରୁଡ଼ା ନିକଟସ୍ଥ ବଣପାରିଆ ଗ୍ରାମର ପିତାମ୍ବର ପାଞ୍ଚାଙ୍କ ଝିଅ ଅନ୍ନପୂର୍ଣ୍ଣାଙ୍କ ସହ ସଞ୍ଜୟଙ୍କ ବିବାହ ହୋଇଥିଲା। ଅନ୍ନପୂର୍ଣ୍ଣା ଜଣେ ମାନସିକ ବିକାରଗ୍ରସ୍ତ ବୋଲି ସ୍ୱାମୀ ସଞ୍ଜୟ ପୋଲିସ ସମ୍ମୁଖରେ ପ୍ରକାଶ କରିଛନ୍ତି।


ସଭାରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦ୍‌ବୋଧନ ଦେଉଛନ୍ତି।

## ଗଣ୍ଡିବେଡ଼ରେ ବିଜେଡିର ମିଶ୍ରଣ ପର୍ବ, ପଦଯାତ୍ରା

ଖଇରା, ୧୧।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକର ତୁଡ଼ିଗଡ଼ିଆ ୫ ନମ୍ବର ଜୋନ୍‌ର ଗଣ୍ଡିବେଡ଼ଠାରେ ବିଜେଡିର ପଦଯାତ୍ରା ଓ ମିଶ୍ରଣ ପର୍ବ ଶୁକ୍ରବାର ଆୟୋଜିତ ହୋଇଯାଇଛି। ପ୍ରାରମ୍ଭରେ ବିଜେଡି କର୍ମୀଙ୍କ ଏକ ବିଶାଳ ଶୋଭାଯାତ୍ରା ମଠନୂଆଗାଁ ଛକରୁ ବାହାରି ମାଟିଆଳପଦା ଗ୍ରାମ ଦେଇ ଗଣ୍ଡିବେଡ଼ ଠାରେ ପହଞ୍ଚିଥିଲା।

ପରେ ବ୍ଲକ ସଭାପତି ବ୍ରଜକିଶୋର ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ କୌଣସି ସମାଲୋଚନାକୁ ଖାତିର ନ କରି ସିମୁଳିଆ ଖଇରା ବିକାଶର ଧାରାକୁ ଜାରି ରଖିଥିବେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲାପରିଷଦ ସଭ୍ୟା ଲୋପାମୁଦ୍ରା ଧର, ସୁଷମା ମହାପାତ୍ର, ଜୟନ୍ତି ମହଲା, ରମାକାନ୍ତ ମହାନ୍ତି, ସାଧାରଣ ସମ୍ପାଦକ ପ୍ରହଲ୍ଲାଦ ପତି, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତି ପତି, ରଶ୍ମିତା ମହାପାତ୍ର, ବିଜୁ ଛାତ୍ର ଜନତା ଦଳ ସଭାପତି ମୁକ୍ତିକାନ୍ତ ସ୍ୱାଇଁ, ବିଜୁ ଯୁବ ଜନତା ଦଳ ସଭାପତି ମାନସ ଦାଶ ପ୍ରମୁଖ ଯୋଗଦେଇ ନବୀନ ସରକାରଙ୍କ ୫ ବର୍ଷ ଶାସନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଭାଜପାର ଯୁବମୋର୍ଚ୍ଚା ସଭାପତି ବିଶ୍ୱଭୂଷଣ ପ୍ରଧାନ ନିଜର ଶତାଧିକ କର୍ମୀଙ୍କ ସହ ଭାଜପା ଛାଡ଼ି ବିଜେଡିରେ ଯୋଗଦାନ କରିଥିଲେ। ମନ୍ତ୍ରୀ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି ଓ ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗଦାନ କରିଥିବା ନେଇ ପ୍ରଧାନ ପ୍ରକାଶ କରିଛନ୍ତି।

## ଫୁଟ୍‌ବଲ ଟୁର୍ନାମେଣ୍ଟ

# ଫାଇନାଲରେ ରାଜବରହମ୍‌ପୁର

ସଜନାଗଡ଼, ୧୧।୧୦(ଡି.ଏନ.ଏ.)

ନୀଳଗିରି ବ୍ଲକ ନରଣପୁର ପଞ୍ଚାୟତ ତେରଲଡ଼ିହି ଜେକେଏସି କ୍ଲବ ଆନୁକୂଲ୍ୟରେ ବୈଷ୍ଣବବନ୍ଧ ଫୁଟ୍‌ବଲ ପଡ଼ିଆରେ ଶୁକ୍ରବାର ୩୦ତମ ଦୁଇଦିନିଆ 'ପିସି ଆଣ୍ଡ ବିକେ ମେମୋରିଆଲ' ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏଥିରେ ମୋଟ୍ ୧୬ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ବିଟିଏସ୍‌ସି କ୍ଲବ ତେରଲଡ଼ିହି, ଗୁଜରାଟ ଏଫ୍‌ସି ରେମୁଣା, ବାଲେଶ୍ୱର ଏକ୍ସପ୍ରେସ୍, ଆର୍‌ପିଏଲ୍ ବାଲେଶ୍ୱର, ସୂତେଇ ବି, ମୟୂରଭଞ୍ଜର ସୁପର ଟାଇଗର ବାରାଟାଙ୍ଗ, ସୋରେନ୍ ସିପିଆଇ ବୈଁଶିଙ୍ଗା, ରାଜବରହମ୍‌ପୁର ନୀଳଗିରି ମୋଟ୍ ୮ଟି ଟିମ୍ ଭାଗ ନେଇଥିଲେ। ସେମିଫାଇନାଲ ମ୍ୟାଚ ଆର୍‌ପିଏଲ୍ ବାଲେଶ୍ୱର ଓ ରାଜବରହମ୍‌ପୁର ନୀଳଗିରି ମଧ୍ୟରେ ହୋଇଥିବା ବେଳେ ପେନାଲ୍‌ଟିରେ ରାଜବରହମ୍‌ପୁର ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ଶନିବାର ଅନ୍ୟ ୮ଟି ଟିମ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଉତ୍ତୀର୍ଣ୍ଣ ଦଳ ସହ ରାଜବରହମ୍‌ପୁର ନୀଳଗିରି ଫାଇନାଲ୍‌ରେ ଭେଟିବ।

ଏହି ଅବସରରେ ଅପରାହ୍ନ ୪ଟାରେ ପଡ଼ିଆରେ ଏକ ସଭା ଆୟୋଜିତ ହୋଇଥିଲା। ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁଦାମ ମାରାଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ତାଙ୍କୁ ବହୁସଂଖ୍ୟକ ଆଦିବାସୀ ମହିଳା ଓ ପୁରୁଷ ମାଦଳର ତାଳେ ତାଳେ ପାରମ୍ପରିକ ନୃତ୍ୟ ପରିବେଷଣ ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ରିଜର୍ଭବ୍ୟାଙ୍କର ଚିଫ୍ ଜେନେରାଲ ମ୍ୟାନେଜର ମଦନ ମୋହନ ମାଝି, ଡିଆଇଜି ଅଫ୍ ପ୍ରିଜନର୍ସ ଗଞ୍ଜାମ ବ୍ରହ୍ମପୁରର ରଘୁନାଥ ମାଝି, ଉଦଳା ବ୍ୟାଙ୍କ ଅଫ୍ ଇଣ୍ଡିଆର ସିନିୟର ମ୍ୟାନେଜର ସରୋଜ ଚନ୍ଦ୍ର ମାଝି, ଅବସରପ୍ରାପ୍ତ ଷ୍ଟେଟ୍ ବ୍ୟାଙ୍କ ମ୍ୟାନେଜର ନିମାଇଁ ମାଝି, କ୍ଲବର ସଭାପତି ଫାଗୁରାମ ମାଝି, ସମ୍ପାଦକ ରଞ୍ଜନ କୁମାର ସୋରେନ୍ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଗୋବିନ୍ଦ ମାଝି ମଞ୍ଚ ପରିଚାଳନା ଏବଂ ମଦନମୋହନ ମାଝି ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ଲବର ସଦସ୍ୟ ଦାମୋଦର ମାଝି, କାର୍ତ୍ତିକ ମୁର୍ମୁ, ପୁତୁନ ମାଝି, ଭରତ ମାଝି, ରଞ୍ଜନ ସୋରେନ, କାଶିନାଥ ମାଝି, ବାଇଧର ମାଝି ଓ ସଦାଶିବ ମାଝି ପ୍ରମୁଖ ସହଯୋଗ କରିଥିଲେ। ପ୍ରଦୀପ ଦାସ, କାର୍ତ୍ତିକ ସାହୁ, ପ୍ରୀତମ ମାଝି ଓ ଶମ୍ଭୁନାଥ ସିଂ ଖେଳ ପରିଚାଳନା କରିଥିଲେ।


ମନ୍ତ୍ରୀ ସୁଦାମ ମାରାଣ୍ଡି ଫୁଟ୍‌ବଲ ଖେଳି ଖେଳାଳିଙ୍କୁ ଉତ୍ସାହିତ କରୁଛନ୍ତି।

## ୫ ଚୋରା ମଦ ବେପାରୀ ଗିରଫ

ସୋର, ୧୧।୧୦(ଡି.ଏନ୍.ଏ.): ସୋର ଅବକାରୀ ବିଭାଗ ପକ୍ଷରୁ ସୋର ଓ ଖଇରା ଥାନାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଚୋରା ମଦ ଜବତ କରାଯିବା ସହ ୫ ଜଣଙ୍କୁ ଗିରଫ କରାଯାଇଛି। ସୋର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ କୁଳମଣି ମହାରଣାଙ୍କ ନେତୃତ୍ୱରେ ଭାସ୍କର ବେହେରା, ସେକ୍ କଲିମ୍, ଶଶି ସ୍ୱାଇଁ, ଦେବାଶିଷ ମଲ୍ଲିକ, ବାପି ରାଉତ, ଉର୍ମିଳା ବେହେରା ଓ ପିଙ୍କି ମାରାଣ୍ଡି ପ୍ରମୁଖ ଚଢ଼ାଉ କରିଥିଲେ। ଗିରଫ ବେପାରୀମାନେ ହେଲେ ତିଳୋତ୍ତମା ଶିଅଳ, କେତକି ଶିଅଳ, ଦମୟନ୍ତୀ ଶିଅଳ, ସୁବାସ ମଲ୍ଲିକ ଓ ମଙ୍ଗଳ ମଲ୍ଲିକ। ଏନେଇ କେସ୍ ନଂ ୪୫, ୪୬, ୪୭ ଓ ୬୮-୬୯/ ୧୯-୨୦ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

## ଡାକ୍ତର ଅନୁପସ୍ଥିତି ନେଇ ଗ୍ରାମବାସୀଙ୍କ ଧାରଣା

ସଜନାଗଡ଼, ୧୧।୧୦(ଡି.ଏନ.ଏ.)

ନୀଳଗିରି ବ୍ଲକ ବରହମ୍‌ପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ପୂର୍ବାହ୍ନରେ କୌଣସି ଡାକ୍ତର ନ ଥିବାରୁ ରୋଗୀମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଥିଲା। ଏହାର ପ୍ରତିବାଦ କରି ଶତାଧିକ ଲୋକ ଡାକ୍ତରଖାନା ସମ୍ମୁଖରେ ଧାରଣାରେ ବସିଥିଲେ। ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟଙ୍କ ନିର୍ଦ୍ଦେଶରେ ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର କାଳୀଚରଣ ପାଲ, ଡା. ସରୋଜ ଜେନା ଅପରାହ୍ନ ସାଢେ ଗୋଟାଏ ବେଳେ ଡାକ୍ତରଖାନାରେ ପହଞ୍ଚି କାର୍ଯ୍ୟ ଆରମ୍ଭ କରିଥିଲେ।

ଡାକ୍ତରଖାନାର ଭେଷଜ ବିଶେଷଜ୍ଞ ନିଯୁକ୍ତି, ସ୍ଥାୟୀ ମେଡିକାଲ ଅଫିସର ରହଣି, ମାଗଣାରେ ପରୀକ୍ଷା, ଔଷଧ ବଣ୍ଟନ, ପରିସରକୁ ପରିଷ୍କାର ପରିଚ୍ଛନ୍ନ, ରୋଗୀମାନଙ୍କୁ ବେଡସିଟ୍ ଯୋଗାଣ ଆଦି ଦାବି ନେଇ ଗ୍ରାମବାସୀ ଧାରଣାରେ ବସିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ଅପରାହ୍ନ ସାଢେ ୪ଟାରେ ପହଞ୍ଚି ଆନ୍ଦୋଳନକାରୀଙ୍କ ଆଲୋଚନା କରି ସମସ୍ତ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହାପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ଡାକ୍ତରଖାନାର ସମସ୍ତ ନଥିପତ୍ର ଯାଞ୍ଚ କରିବା ସହ ହସ୍‌ପିଟାଲ ବୁଲି ଦେଖିଥିଲେ। ଯେପରି ଭବିଷ୍ୟତରେ ଏପରି ପରିସ୍ଥିତି ନ ଉପୁଜେ ସେଥିପାଇଁ ଡାକ୍ତର ଓ କର୍ମଚାରୀମାନଙ୍କୁ ଚେତାବନୀ ଦେଇଥିଲେ। ଧାରଣାରେ ବରହମ୍‌ପୁର ସରପଞ୍ଚ ଚନ୍ଦ୍ରମୋହନ ସିଂ, ଭବାନୀ ସେଠୀ, ମାମିନା ବେହେରା, ଭଗବାନ ସାହୁ, ଶଙ୍କର ପଶା, ଜିତେନ୍ଦ୍ର ଦାସ, କାହ୍ନୁଚରଣ ଦାସ, ଫ୍ରାନ୍‌ସିସ ବେକନ ସ, ଅଶୋକ ସେଠୀ, ଜୟନ୍ତ ପଟ୍ଟନାୟକ, ଜିତେନ୍ଦ୍ର ସେଠୀ, ସନାତନ ବେହେରା, କବିତା ବେହେରା, କାର୍ତ୍ତିକ ସାହୁ, ରମେଶ ବେହେରା, ଜଗାଦାସ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।


ଡାକ୍ତରଖାନା ସମ୍ମୁଖରେ ଗ୍ରାମବାସୀ ଧାରଣା ବସିଛନ୍ତି।

# ତ୍ରିପାକ୍ଷିକ ଆଲୋଚନାରୁ ବାହାରିଲାନି ନିଷ୍କର୍ଷ

କେନ୍ଦୁଝର, ୧୧।୧୦ (ସ୍ୱ.ପ୍ର./ ଡି.ଏନ.ଏ.)

ଓଡିଶା ସ୍ପଞ୍ଜ କାରଖାନା ଶ୍ରମିକଙ୍କ ସମସ୍ୟା ନେଇ ଶୁକ୍ରବାର ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ମିନି କନଫରେନ୍ସ ହଲ୍‌ଠାରେ ଅନୁଷ୍ଠିତ ଏହି ବୈଠକରେ ଓଡିଶା ସ୍ପଞ୍ଜ କାରଖାନା କର୍ତ୍ତୃପକ୍ଷ, କର୍ମଚାରୀ ସଂଘ ଓ ଜିଲା ପ୍ରଶାସନର ଅଧିକାରୀମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ୭ବର୍ଷ ଧରି ବନ୍ଦ ରହିଥିବା ପଳାଶପଙ୍ଗାସ୍ଥିତ ଓଏସ୍ଆଇଏଲ୍ କାରଖାନା ପୁନଃ ଚାଲୁ କରିବା ଏବଂ ଶ୍ରମିକମାନଙ୍କ ପକ୍ଷରୁ ଆସିଥିବା ବକେୟା ଦରମା ଆଦି ପ୍ରସ୍ତାବ ଉପରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। କେତେକ ଦାବି ପ୍ରସ୍ତାବରେ ସହମତି ପ୍ରକାଶ ପାଇଥିଲେ ମଧ୍ୟ ଶ୍ରମିକଙ୍କୁ ଦରମା ଦେବା ପ୍ରସ୍ତାବ ନେଇ ଆଲୋଚନା ଆଗେଇ ପାରି ନ ଥିଲା। ଏଣୁ ଏହି ତ୍ରିପାକ୍ଷିକ ବୈଠକ ସଫଳ ହୋଇ ପାରି ନ ଥିବା ଜଣାପଡିଛି।



ଆଲୋଚନାରେ ଉପସ୍ଥିତ ଜିଲାପାଳ, କମ୍ପାନୀ ଓ କର୍ମଚାରୀଙ୍କ ପ୍ରତିନିଧି।

- ତୁଟୁନି ଓଡିଶା ସ୍ପଞ୍ଜ କାରଖାନା ଶ୍ରମିକଙ୍କ ସମସ୍ୟା
- ବକେୟା ଦରମା ନେଇ ଆଲୋଚନା ପୁଣି ଘୁଞ୍ଚିଲା

ଜିଲା ଶ୍ରମ ଅଧିକାରୀ ଅଜୟ କୁମାର ପ୍ରଧାନ ଏହି ସୂଚନା ଦେଇ ଖୁବ୍‌ଶୀଘ୍ର ଆଉ ଏକ ତାରିଖ ଘୋଷଣା କରି ଏ ଦିଗରେ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି। ତ୍ରିପାକ୍ଷିକ ବୈଠକରେ କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ ଅଧ୍ୟକ୍ଷତା କରିଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ ଲକ୍ଷ୍ମୀଧର ରଥ,ଜିଲା ଶ୍ରମ ଅଧିକାରୀ ଅଜୟ କୁମାର ପ୍ରଧାନ, ଓଡିଶା ସ୍ପଞ୍ଜ ଆଇରନ କାରଖାନାର ନିର୍ଦ୍ଦେଶକ ମୁନିର ମହାନ୍ତି, ଇଡି ସଞ୍ଜିବ କପୁର, ଫାଇନାନସର ପବନ ଅଗ୍ରୱାଲ, କାରଖାନାର ଆସିଷ୍ଟାଣ୍ଟ ଜେନେରାଲ ଅଫିସର ସୋମନାଥ ଧର ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଶ୍ରମିକ ପ୍ରତିନିଧିଭାବେ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ରାମକୃଷ୍ଣ ପଣ୍ଡା, ସମ୍ପାଦକ ମହେଶ୍ୱର ରାଉତ, ଜିଲା ସଭାପତି ବିଦ୍ୟାଧର ମହାନ୍ତଙ୍କ ସମତେ ବହୁ କର୍ମଚାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉଲ୍ଲେଖନୀୟ ଯେ, ୨୦୧୨ ଅକ୍ଟୋବର ପର୍ଯ୍ୟନ୍ତ ସମସ୍ତ ପ୍ରାପ୍ୟ ଚୁକ୍ତିନାମା ସ୍ୱାକ୍ଷର ହେବା ପୂର୍ବରୁ ଅର୍ଥ ଜମା କରିବାକୁ କମ୍ପାନୀ ଆଲୋଚନା ବେଳେ ସହମତି ପ୍ରକାଶ କରିଥିଲା। କମ୍ପାନୀରେ ମୋଟ ୪୫୩ କର୍ମଚାରୀଙ୍କ ମଧ୍ୟରୁ ବର୍ତ୍ତମାନ ଯେଉଁମାନଙ୍କୁ ୫୮ ବର୍ଷ ହୋଇନାହିଁ ସେମାନଙ୍କୁ ପୁନଃ ନିଯୁକ୍ତି ଦେବାକୁ ସ୍ଥିରି ହୋଇଥିଲା। ଏହା ବ୍ୟତୀତ ଅକ୍ଟୋବର ୨୦୧୨ଠାରୁ ଡିସେମ୍ବର ୨୦୧୮ ମସିହା ପର୍ଯ୍ୟନ୍ତ କର୍ମଚାରୀଙ୍କ ସମ୍ପୂର୍ଣ୍ଣ ଗ୍ରାଚ୍ୟୁଇଟି ଏବଂ ପିଏଫ ଦେବା ପାଇଁ ସହମତି ପ୍ରକାଶ ପାଇଥିଲା। ଏହି ସମୟ ମଧ୍ୟରେ ୭୪ ମାସର ଦରମା ଦେବା ନେଇ ପ୍ୟାକେଜ ପ୍ରସ୍ତାବ ଦିଆଯାଇଥିଲା। ଦରମା ବାବଦକୁ ଏକକାଳୀନ ପରିଶୋଧ ନିମନ୍ତେ କମ୍ପାନୀପକ୍ଷରୁ ୪ଲକ୍ଷ ଟଙ୍କାର ପ୍ରସ୍ତାବ ଦିଆଯାଇଥିଲା। ପୂର୍ବରୁ କର୍ମଚାରୀମାନେ ଅଗ୍ରିମ ଆକାରରେ ୧ଲକ୍ଷ ୯୨ହଜାର ଟଙ୍କା ନେଇଥିବାବେଳେ ଆଉ ୨ଲକ୍ଷ ୮ହଜାର ଟଙ୍କା ଦେବାକୁ କମ୍ପାନୀ ପକ୍ଷରୁ କୁହାଯାଇଥିଲା। ଏହି ପ୍ରସ୍ତାବରେ ଶ୍ରମିକ ପ୍ରତିନିଧି ଏବଂ ଉପସ୍ଥିତ କର୍ମଚାରୀ ରାଜି ନ ହୋଇ ୮ଲକ୍ଷ ଟଙ୍କା ଦେବାକୁ ଦାବି କରିଥିଲେ। ଫଳରେ ଏ ନେଇ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା।

## ରୁଟ୍ ବଦଳାଇ ଖଣିଜ ପରିବହନ, ଖଣି ବିଭାଗ ଚୁପ୍

ଯୋଡ଼ା, ୧୧।୧୦(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳରେ ଖଣିଜ ପରିବହନ ଲାଗି ରହିଥିବା ନିୟମକୁ ଖଣି କମ୍ପାନୀଗୁଡିକ ଖୋଲାଖୋଲି ଉଲ୍ଲଂଘନ କରି ପରିବହନ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଭଦ୍ରାସାହି ଅଞ୍ଚଳରେ ଥିବା ଏକ ଖଣି ସଂସ୍ଥାକୁ କାଶିଆ–ଭଦ୍ରାସାହି–ଯୋଡା–ଜୁରୁଡି–ବାମେବାରୀ–କାଳିମାଟି ଦେଇ ଖଣିଜ ପରିବହନ କରିବା ସକାଶେ ରୁଟ୍ ଧାର୍ଯ୍ୟ କରାଯାଇଥିଲେ ମଧ୍ୟ ଏହି ସଂସ୍ଥା ଅନ୍ୟ ରାସ୍ତାରେ ମାଲ ପରିବହନ କରୁଥିବା ସ୍ଥାନୀୟ ଅଞ୍ଚଳବାସୀ ଦର୍ଶାଇଛନ୍ତି। ଏପରି କି କାଶିଆଠାରୁ କୋଇଡା ଖଣି ମଣ୍ଡଳର ଗଣୁଆ ଖଣି ଅଞ୍ଚଳ ଦେଇ ଖଣିଜ ପରିବହନ କରାଯାଉଥିବା ସେମାନେ ଅଭିଯୋଗରେ ଦର୍ଶାଯାଇଛନ୍ତି। ଗତ ଗୁରୁବାର ପ୍ରାୟ ୩୦ଟି ଖଣିଜ ବୋଝେଇ ଗାଡି ରୁଟ୍ ପରିବର୍ତ୍ତନ କରି ଏଭଳି ପରିବହନ କରିଥିଲେ ମଧ୍ୟ ଖଣି ବିଭାଗ ନୀରବଦ୍ରଷ୍ଟା ସାଜିବା ନେଇ ଅଞ୍ଚଳବାସୀ ବିସ୍ମୟ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ବ୍ୟାପୁଛି କିଡ୍‌ନୀ ରୋଗ

ତେଲକୋଇ,୧୧।୧୦(ଡି.ଏନ.ଏ.)- କେନ୍ଦୁଝର ଜିଲା ତେଲକୋଇ ବ୍ଲକ ସିରିଗିଡା ପଞ୍ଚାୟତର ମକାପଡା ଅଞ୍ଚଳରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ନଳକୂପର ଦୂଷିତ ଜଳ ଯୋଗୁ ଏହି ରୋଗରେ ପିଲାଙ୍କ ଠାରୁ ବୟସ୍କ ବ୍ୟକ୍ତି ଆକ୍ରାନ୍ତ ହୋଇଛନ୍ତି। ନଳକୂପର ଲୌହ ଯୁକ୍ତ ପାଣି ରୋଗର କାରଣ ହୋଇ ପାରେ ବୋଲି ୱାର୍ଡମେମ୍ବର ସାବିତ୍ରୀ ମହାନ୍ତ ସନ୍ଦେହ ପ୍ରକାଶ କରି ଏ ଦିଗରେ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏବର୍ଷ ଏ ଅଞ୍ଚଳରେ କିଡ୍‌ନୀ ରୋଗାକ୍ରାନ୍ତ ୬ଜଣଙ୍କ ମୃତ୍ୟୁ ଘଟିଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ନିକଟରେ ଏ ନେଇ କୌଣସି ସୂଚନା ନ ଥିବା କୁହାଯାଉଛି।

### ପାଟଣା ବ୍ଲକରେ ଜନ ଶୁଣାଣି

ପାଟଣା,୧୧।୧୦(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକ ସଭା ଗୃହରେ ଶୁକ୍ରବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟ ନେଇ ଆୟୋଜିତ ଏହି ଆୟୋଜିତ ଜନଶୁଣାଣିରେ ଅତିରିକ୍ତ ଜିଲାପାଳ ଡ. ଭକ୍ତଚରଣ ପ୍ରଧାନ ଅଧକ୍ଷତା କରିଥିଲେ। ପାଟଣା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା ମୁଖ୍ୟଅତିଥି ଏବଂ ଜିଲା ସାମାଜିକ ସମୀକ୍ଷକ ଚନ୍ଦନ ଅମୃତାୟନ ଆଇଚ ଓ ସ୍ଥାନୀୟ ବିଡିଓ ଈଶ୍ୱର ଚନ୍ଦ୍ର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏପିଓ ଦୀପକ କୁମାର ବେହେରା ଏଥିରେ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଧିକାରୀ ଓ ଗ୍ରାମ ରୋଜଗାର ସେବକ ଉପସ୍ଥିତ ରହିଥିଲେ।

### ଦୁଇଦିନ ବିଳମ୍ବରେ ହେଲା ରାବଣ ପୋଡ଼ି

ବଡବିଲ, ୧୧।୧୦ (ସ୍ୱ.ପ୍ର.)- କେନ୍ଦୁଝର ଜିଲା ବଡବିଲ ଅଞ୍ଚଳରେ ଏଥର ଅଷ୍ଟମୀରୁ ଦଶମୀ ପର୍ଯ୍ୟନ୍ତ ଦୈନିକ ଅପରାହ୍ନରୁ ରାତି ପର୍ଯ୍ୟନ୍ତ ଲଗାଣ ବର୍ଷା ହେବା ଯୋଗୁ ଶାରଦୀୟ ପୂଜା ଓ ମେଳା ଫିକା ପଡିଥିଲା। ଏଣୁ ଦଶହରାର ଦୁଇଦିନ ବିଳମ୍ବରେ ଗୁରୁବାର ରାତିରେ ବଡବିଲସ୍ଥିତ କଳିଙ୍ଗନଗରରେ ଦୁର୍ଗାପୂଜା କମିଟି ପକ୍ଷରୁ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଥିବା ଜଣାପଡିଛି। ଗୁରୁବାର ପାଗ ଭଲ ରହିବାରୁ ରାତି ପ୍ରାୟ ସାଢେ ୯ଟା ବେଳେ ଆତସବାଜି ଆରମ୍ଭ ହୋଇ ରାବଣ ପୋଡି ଉତ୍ସବ ପାଳନ କରାଯାଇଥିଲା। ଏହି ଉତ୍ସବ ଦେଖିବାକୁ ବଡବିଲ ତଥା ଆଖପାଖ ଅଞ୍ଚଳରୁ ପ୍ରାୟ ୧୦ ହଜାର ଲୋକଙ୍କ ସମାଗମ ହୋଇଥିଲା। ସେଥିଲାଗି ପୋଲିସ ଓ ସୁରକ୍ଷା କର୍ମୀଙ୍କ ସହାୟତାରେ ପୂଜା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଇଡକଲ କଳିଙ୍ଗ ଆଇରନ ୱାର୍କ୍ସର ପରିଚାଳନା ନିର୍ଦ୍ଦେଶକ ସପନ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଅଗ୍ନି ସଂଯୋଗ କରି ରାବଣ ଦହନ କରିଥିଲେ। ଉଲ୍ଲେଖନୀୟ ଯେ, ବଡବିଲସ୍ଥିତ କଳିଙ୍ଗନଗରରେ ଦୁର୍ଗାପୂଜା ପ୍ରତିବର୍ଷ ବେଶ୍ ଜାକଜମକରେ ପାଳନ କରାଯାଇଥାଏ। ସେଥିଲାଗି ମେଳାରେ ମୀନାବଜାର, ଦୋଳି, ମନୋହରି ସାମଗ୍ରୀ, ଘରକରଣା ଆଦି ସହ ବିଭିନ୍ନ ଭାଷାଭାଷୀଙ୍କ ଖାଦ୍ୟର ଷ୍ଟଲ ମୁଖ୍ୟ ଆକର୍ଷଣ ପାଲଟିଥାଏ। ଏଥର ସମସ୍ତ ଆୟୋଜନ ଉପରେ ବର୍ଷା ଦାଉ ସାଧିବାରୁ ଦୁଇଦିନ ପରେ ରାବଣ ପୋଡି ଉତ୍ସବ ହୋଇଥିବା ଜଣାପଡିଛି।

### ଦୁର୍ଗାପୂଜା କମିଟି ପକ୍ଷରୁ ରାବଣ ପୋଡି ଉତ୍ସବ

କେନ୍ଦୁଝର/ରାଇସୁଆଁ,୧୧।୧୦ (ସ୍ୱ.ପ୍ର./ଡି.ଏନ୍.ଏ.)- କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଜଳବଙ୍ଗ ହର୍ଷପୁର ଦୁର୍ଗାପୂଜା କମିଟି ପକ୍ଷରୁ ଅନୁରୂପ ପରଦିନ ରାବଣ ପୋଡି ଉତ୍ସବ ପାଳନ କରାଯାଇଥିଲା। ଉତ୍ସବରେ ସଦର ବିଧାୟକ ମୋହନ ମାଝି ଯୋଗ ଦେଇଥିଲେ। ଶିଶୁ କଳାକାରମାନେ ରାମ, ଲକ୍ଷ୍ମଣ ଓ ହନୁମାନ ବେଶରେ ୨୫ ଫୁଟ ଉଚ୍ଚର ରାବଣ ଦେହରେ ଅଗ୍ନି ସଂଯୋଗ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଦର ଥାନା ଅଧିକାରୀ ଜୟନାରାୟଣ ଖଣ୍ଡାଇଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। କମିଟିର ସଭାପତି ରବିନାରାୟଣ ରଥ, ଅକ୍ଷୟ ମିଶ୍ର, ପ୍ରଭାତ କୁମାର ମିଶ୍ର, ଆଶିଷ ଉପାଧ୍ୟାୟ,ବସନ୍ତ ସାହୁ ଓ ଅନ୍ୟାନ୍ୟ କମିଟି ସଦସ୍ୟ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଲକୁ ମାଡୁନି ପାଣି

## ରେଲୱେ ସାଇଫନ ସାଜିଛି ବାଧକ



ରେଲୱେ ସାଇଫନ।

କେନ୍ଦୁଝର, ୧୧।୧୦(ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନଇଗାଁ ଅଞ୍ଚଳର ଚାଷୀ ଜମିକୁ କେନାଲ ପାଣି ମଡାଇ ନ ପାରି ଚିନ୍ତାରେ ପଡିଛନ୍ତି। ବର୍ତ୍ତମାନ ଧାନ ଫସଲ ଲାଗି ଅଧିକ ପାଣି ଦରକାର କରୁଥିବା ବେଳେ ପାଖରେ କେନାଲ ଥାଇ ମଧ୍ୟ ଜମିକୁ ପାଣି ମାଡି ପାରୁ ନାହି । ନଇଗାଁ ଗ୍ରାମର ଚାଷୀ ପ୍ରଫୁଲ୍ଲ କୁମାର ନାୟକ, ପରମାନନ୍ଦ ନାୟକ, ଦିବାକର ନାୟକ, ଗୌରମୋହନ ନାୟକ, ଭାସ୍କର ଚନ୍ଦ୍ର ନାୟକ, କୈଳାସ ଚନ୍ଦ୍ର ମହାନ୍ତ, ମହେନ୍ଦ୍ର କୁମାର ନାୟକଙ୍କ ସମେତ ଅନ୍ୟ ଗ୍ରାମବାସୀ ଏହି ଅଭିଯୋଗ କରି କହିଛନ୍ତି, ଯଖପୁରା–ବାଂଶପାଣି ରେଳପଥର ସଂପ୍ରସାରଣ ପରିପ୍ରେକ୍ଷୀରେ ଏଠାରେ ଏକ ନୂତନ ସାଇଫନ ନିର୍ମାଣ ହୋଇଛି । ତ୍ରୁଟିପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ଯୋଗୁ ନିକଟସ୍ଥ ବନ୍ଧର କେନାଲ ପାଣି ଉକ୍ତ ସାଇଫନ ଦେଇ ରେଲୱେ ଡ୍ରେନରେ ତଳକୁ ବୋହି ଯାଉଛି । ଫଳରେ ଚାଷ ଜମିରେ ପାଣି ପହଞ୍ଚି ପାରୁ ନାହିଁ । ବନ୍ଧରୁ ଅଧିକ ପାଣି ଛଡାଗଲେ ୭୦ ପ୍ରତିଶତ ଲିକ୍ ହୋଇ ତଳକୁ ବୋହିଯାଉଥିବାରୁ ମାତ୍ର ୩୦ପ୍ରତିଶତ ପାଣି ଆରପଟ କେନାଲ ଦେଇ ଚାଷ ଜମିରେ ମାଡୁଛି। ଫଳରେ ଏ ଅଞ୍ଚଳରେ ଏକପ୍ରକାର ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି । ନିକଟସ୍ଥ ନୂଆବନ୍ଧରୁ ଏକ କେନାଲ ଉପରେ ରେଳପଥ ଯାଇଥିବା ବେଳେ ରେଲୱେ ଗ୍ରାମବାସୀଙ୍କ ଅଭିଯୋଗ ଓ ସମସ୍ୟା ପ୍ରତି ଦୃଷ୍ଟି ଦେଉ ନାହିଁ। ଚାଷୀମାନେ କେବଳ ବର୍ଷା ପାଣି ଉପରେ ହିଁ ଭରସା କରି ରହୁଛନ୍ତି। ତୁରନ୍ତ ଏହି ସାଇଫନ ମରାମତି କରି ଚାଷଜମିକୁ ଜଳଯୋଗାଇ ଦେବା ସକାଶେ ଗ୍ରାମବାସୀ ଦାବି କରିଛନ୍ତି।

## ଜୟନ୍ତୀ ଉତ୍ସବ: ୩ ଛାତ୍ରୀଛାତ୍ର ପୁରସ୍କୃତ

ପାଟଣା,୧୧।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ସ୍ଥିତ ସାମାଜିକ ଉନ୍ନୟନ ସଂସ୍ଥା ପକ୍ଷରୁ ସ୍ଥାନୀୟ କମ୍ୟୁନିଟି ହଲ୍‌ରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ତୁରୁମୁଙ୍ଗା ଓ ଚେମେଣା ପଞ୍ଚାୟତର ୩୦ ଜଣ ଅସହାୟ ବ୍ୟକ୍ତିଙ୍କୁ ବସ୍ତ୍ର ବିତରଣ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା । ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଧିବାମନ ଉଚ୍ଚ ବିଦ୍ୟାଳୟ ତୁରୁମୁଙ୍ଗାର ଛାତ୍ର ମିଳନ କୁମାର ମହାନ୍ତ, ୨ୟ ସ୍ଥାନ ଅଧିକାର କରିଥିବା ସ୍ଥାନୀୟ ଶିଶୁମନ୍ଦିରର ଚନ୍ଦନ କୁମାର ପୃଷ୍ଟି ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଚେମେଣା ପଞ୍ଚାୟତ ହାଇସ୍କୁଲର ଛାତ୍ରୀ ଶୁଭସ୍ମିତା ପତିଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସଂସ୍ଥାର ସଂଯୋଜକ ସନ୍ତୋଷ କୁମାର ବାରିକ ସଂଯୋଜନା କରିଥିଲେ। ପୂର୍ବତନ ସ୍ଥାନୀୟ ସରପଞ୍ଚ ଗୋପୀନାଥ ସାହୁ ମୁଖ୍ୟ ଅତିଥି, ନିର୍ମଳ ଚନ୍ଦ୍ର ସାହୁ, ଡ. ଯୋଗେନ୍ଦ୍ର ନାଥ ନାଏକ ଓ ଅବସରପ୍ରାପ୍ତ ଶିକ୍ଷକ ଗୋପୀନାଥ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ବଳଭଦ୍ର ନାଏକ ଧନ୍ୟବାଦ ଅର୍ପଣ ଦେଇଥିଲେ। ରମେଶ ଚନ୍ଦ୍ର ନାୟକ, ଧାନଚାନ୍ଦ ବେହେରା ଓ ହରେକୃଷ୍ଣ ମହାକୁଡ଼ ପ୍ରମୁଖ ବକ୍ତୃତା ପ୍ରତିଯୋଗିତା ପରିଚାଳନା କରିଥିଲେ।

# ପାନୀୟଜଳ ସମସ୍ୟା ନେଇ ମହିଳାଙ୍କ ମେଳି



ପାନୀୟ ଜଳାଭାବ ସମସ୍ୟା ନେଇ ମହିଳାମାନେ ବୈଠକ କରି ଆଲୋଚନା କରୁଛନ୍ତି।

ହାଟଡିହୀ, ୧୧।୧୦(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୋସୋ ଗ୍ରାମକୁ ୨ ମାସ ହେବ ପାନୀୟ ଜଳ ଯୋଗାଣ ହେଉ ନ ଥିବାରୁ ଲୋକେ ଜଳକଷ୍ଟର ଶିକାର ହେଉଛନ୍ତି । ଏ ନେଇ ଗ୍ରାମର ମହିଳାମାନେ ସଂଗଠିତ ହୋଇ ପାନୀୟ ଜଳ ସମସ୍ୟାର ପ୍ରତିକାର ଲାଗି ବୈଠକ କରି ଜନସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ପଞ୍ଚାୟତ ପକ୍ଷରୁ ସମସ୍ୟାର ସମାଧାନ କରାଯାଉ ନ ଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଶୁକ୍ରବାର ମହିଳାମାନେ ପ୍ରଥମେ ପଞ୍ଚାୟତ ଅଫିସ ସମ୍ମୁଖରେ ଧାରଣା ଦେଇ ସେଠାରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦେଇଥିଲେ। ପରେ ସେମାନେ ଶୋଭାଯାତ୍ରା କରି ହାଟଡିହୀ ବିଭାଗୀୟ ଯନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଗ୍ରାମର ଉମା ରାଉତ, ବୀଣାପାଣି ରାଉତ, ପ୍ରଭାତୀ ଆଇଚ, ଅନୁସୟା ରାଉତ, ଅନିମା ରାଉତ, ବାସନ୍ତି ବେହେରା, ବାସନ୍ତି ରଣା, ରୁପା ବେହେରା, ସନ୍ଧ୍ୟାରାଣି ପତି, ମଲ୍ଲିମାଳା ରାଉତ, କମଳା ରାଉତ, ସୁନୀତା ସେଠୀ ପ୍ରମୁଖଙ୍କ ସମେତ ଶତାଧିକ ମହିଳା ପାନୀୟ ଜଳ ଯୋଗାଣ ସମସ୍ୟାର ତୁରନ୍ତ ପ୍ରତିକାର ନ ହେଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ।

## ୭ମ ବାର୍ଷିକ ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ: ଆପାଚି ଏକାଦଶ ଚାମ୍ପିୟନ



ଟୁର୍ନାମେଣ୍ଟରେ ଭାଗ ନେଇଥିବା ଖେଳାଳି ଓ ଅନ୍ୟ କର୍ମକର୍ତ୍ତା।

ଢେଙ୍କିକୋଟ, ୧୧।୧୦(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ପଇଦପାଟଣା ପଞ୍ଚାୟତ ପଇଦାପାଟଣା ଗ୍ରାମ ମା' ତାରିଣୀ ଯୁବକ ସଂଘ ପକ୍ଷରୁ ଆୟୋଜିତ ୭ମ ବାର୍ଷିକ ମା' ତାରିଣୀ ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ରାଜ୍ୟ ତଥା ରାଜ୍ୟ ବାହାରର ମୋଟ ୩୨ଟି ଫୁଟବଲ ଟିମ୍ ଅଂଶଗ୍ରହଣ କରିଥିଲେ। ସେମିଫାଇନାଲରେ ଗଣ୍ଡବରେଇ ଝୁମ୍ପୁରା ଏବଂ ମହିସାମୁଣ୍ଡି କଟିଯାଇ ୩ୟ ଏବଂ ୪ର୍ଥ ସ୍ଥାନ ହାସଲ କରିଥିଲେ। ହାତୀନୁଟା ଆପାଚି ଏକାଦଶ ଏବଂ ଝାଡଖଣ୍ଡର ଫ୍ରେଣ୍ଡସ୍ ଫାଇଟର ଫୁଟବଲ ଟିମ୍ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ଏଥିରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଉଭୟ ଦଳ ଲଢୁଆ ଖେଳ ପ୍ରଦର୍ଶନ କରି ସମାନ ସ୍ଥିତିରେ ରହିଥିଲେ। ଯୁବକ ସଂଘର ନିୟମାନୁଯାୟୀ ୫ଟି ଲେଖାଏଁ ପେନାଲଟିକ୍ ସଟ୍ ମରାଯାଇଥିଲା। ଏଥିରେ ୪ଟି ଗୋଲ ହାତୀନୁଟାଆପଟ ଏକାଦଶ ଦେଇ ଚାମ୍ପିୟନ ହୋଇଥିବାବେଳେ ଝାଡଖଣ୍ଡ ଫ୍ରେଣ୍ଡସ ଫାଇଟର ଦଳ ୩ଟି ଗୋଲ ଦେଇ ରନର୍ସ ଅପ୍ ହୋଇଲା। ।

ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଘସିପୁରା ନିର୍ବାଚନ ମଣ୍ଡଳିର ବିଧାୟକ ବଦ୍ରୀନାରାୟଣ ପାତ୍ର ଯୋଗ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ପଇଦା ପାଟଣା ସରପଞ୍ଚ ସୁକାନ୍ତି ନାୟକ, ପିପିଳିଆ ସମିତିସଭ୍ୟା ଯୋଗ ଦେଇଥିଲେ । ସମିତି ସଭ୍ୟ ରାମଚନ୍ଦ୍ର ମହାନ୍ତ ଉତ୍ସବରେ ଉପସ୍ଥିତ ରହିଥିଲେ। ଚାମ୍ପିୟନ ଦଳକୁ ନଗଦ ୩୦ ହଜାର ଟଙ୍କା, ମାନପତ୍ର ଓ ରନର୍ସଅପ ଦଳକୁ ୨୦ ହଜାର ଟଙ୍କା ଏବଂ ୩ୟ ସ୍ଥାନ ଅଧିକାର କରିଥିବା ଦଳକୁ ୧୦ ହଜାର, ୪ର୍ଥ ସ୍ଥାନ ଅଧିକାର କରିଥିବା ଦଳକୁ ୭ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଯୁବକ ସଂଘର ସଭାପତି ଜଗବନ୍ଧୁ ମହାନ୍ତ, ସମ୍ପାଦକ ହୃଷୀକେଶ ମହାନ୍ତ, ଉପଦେଷ୍ଟା ଖଗେଶ୍ୱର ମହାନ୍ତ ସମେତ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟ ପରିଚାଳନା କାର୍ଯ୍ୟରେ ସହଯୋଗ କରିଥିଲେ। ନ୍ୟାଶନାଲସ୍ତରୀୟ ରେଫରୀ କୃଷ୍ଣଚନ୍ଦ୍ର ମହାନ୍ତ, ଝାଡଖଣ୍ଡର ଏମ୍‌ଡି ହାଲିମ ଏବଂ ଆକବର ଖାଁଙ୍କ ସସେତ ଶଙ୍କର୍ଷଣ ନାୟକ ଖେଳ ପରିଚାଳନା କରିଥିଲେ। ମୟୂରଭଞ୍ଜ ଖିଚିଂର ନରୋତ୍ତମ ତନ୍ତି, କୁନାଲ ପଣ୍ଡା ଏବଂ ବାରାହାଟିପୁରାର ରୋହିତ କୁମାର ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ। ଖେଳ ପଡ଼ିଆରେ ଆଞ୍ଚଳିକ ଶିଶୁକଳାକାରଙ୍କୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ହାଟଡିହୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସ୍ୱତନ୍ତ୍ର ବୈଠକ

ହାଟଡିହୀ, ୧୧।୧୦(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଏକ ସ୍ୱତନ୍ତ୍ର ବୈଠକ ହାଟଡିହୀ ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ମଣ୍ଡଳୀର ଆହ୍ୱାନକ୍ରମେ ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଅକ୍ଷୟ କୁମାର ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ସାଂଗଠନିକ ଦୃଢତା ବଜାୟ ରଖିବା ନିମନ୍ତେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଦେବାଶିଷ ସୌଭାଗ୍ୟ ରଞ୍ଜନ ବାରିକଙ୍କୁ ସଭାପତି ଭାବେ ଚୟନ କରାଯାଇଥିବା ବେଳେ ଜୀତେନ୍ଦ୍ର ବେହେରାଙ୍କୁ ସାଧାରଣ ସମ୍ପାଦକ, ଉପସଭାପତି ଭାବେ ଅଞ୍ଜନ କୁମାର ଦାସ, ମହାସଚିବ ଭାବେ ରାଜକିଶୋର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଭାବେ ସ୍ୱୟଂପ୍ରଭା ବେହେରା ମନୋନୀତ ହୋଇଥିଲେ। ସେହିପରି ଯୁଗ୍ମ ସମ୍ପାଦକ ଭାବେ ଅକ୍ଷୟ ଖଟୁଆ, ସଂଗଠନ ସମ୍ପାଦକ ଭାବେ ପ୍ରଫୁଲ୍ଲ କୁମାର ସାହୁ, ସହସମ୍ପାଦକ ଭାବେ ବୃନ୍ଦାବନ ଡାକୁଆ, କୋଷାଧ୍ୟକ୍ଷ ଭାବେ କ୍ଷେତ୍ରବାସୀ ମିଶ୍ର, ହିସାବ ସମୀକ୍ଷକ ନିତ୍ୟାନନ୍ଦ ଘଡେଇ, ସୁଶାନ୍ତ ଜେନା, ମିଡିଆ ସଂଯୋଜକ ଭାବେ ସତ୍ୟନାରାୟଣ ଗିରି, ରାଜ୍ୟ ସଂଯୋଜକ ଭାବେ ଅନିରୁଦ୍ଧ ବିଶ୍ୱାଳଙ୍କୁ ମନୋନୀତ କରାଯାଇଥିବା ସଂଘ ପକ୍ଷରୁ କୁହାଯାଇଛି।

# ଖଣି ଅଞ୍ଚଳବାସୀ ଅଣନିଃଶ୍ୱାସୀ / ଧୂଳିଧୂଆଁରେ ଆଚ୍ଛନ୍ନ ଯୋଡ଼ା

ଯୋଡ଼ା, ୧୧।୧୦(ଡି.ଏନ.ଏ.)

- ପ୍ରଦୂଷଣ ବୃଦ୍ଧି ଯୋଗୁ ଜୀବନଯାତ୍ରା ଦୁର୍ବିଷହ
- ସମସ୍ୟା ପ୍ରତି ଖଣି ସଂସ୍ଥା, ପ୍ରଶାସନ ଉଦାସୀନ
- ଡିଏମ୍‌ଏଫ୍ ପାଣ୍ଠିରୁ ଟଙ୍କାଟିଏ ବି ଖର୍ଚ୍ଚ ହେଉନି
- ପ୍ରତିକାର ନ ହେଲେ ଅର୍ଥନୈତିକ ଅବରୋଧ ଚେତାବନୀ

କେନ୍ଦୁଝର ଜିଲାର ଯୋଡା ଅଞ୍ଚଳରେ ଖଣିଖାଦାନ ଜନିତ ପ୍ରଦୂଷଣ ସମସ୍ୟା ଯୋଗୁ ଦିନକୁ ଦିନ ଜୀବନ ଦୁର୍ବିଷହ ହେବାରେ ଲାଗିଛି। ରାଜ୍ୟର ସର୍ବାଧିକ ଖଣି ରାଜସ୍ୱ ଦେଉଥିବା ଯୋଡା ଖଣି ମଣ୍ଡଳରେ ଖଣିଜ ବୋଝେଇ ଟ୍ରକ୍, ଡ୍ରମ୍ପର ଯାତାୟତ ବୃଦ୍ଧି ଯୋଗୁ ଧୂଳି ଧୂଆ ଉଡି ଲୋକଙ୍କୁ ଅଣନିଃଶ୍ୱାସୀ କରୁଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଦୂଷଣ ସମସ୍ୟାର କୌଣସି ପ୍ରତିକାର କରାଯାଉ ନାହିଁ କି ରାସ୍ତା ଦୁର୍ଘଟଣା ବୃଦ୍ଧିକୁ ରୋକାଯାଉ ନାହିଁ । ଫଳରେ ରାସ୍ତାପାର୍ଶ୍ୱ ଅଞ୍ଚଳବାସୀଙ୍କ ଦୁଃଖ ବଢିବାରେ ଲାଗିଛି।

ଯୋଡା ଖଣିମଣ୍ଡଳ ଦେଇ ଯାଇଥିବା ୨ ନମ୍ବର ରାଜ୍ୟରାଜପଥରେ ଯୋଡା–କାଳିମାଟି ରାସ୍ତା ମରାମତି ବିନା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଦୈନିକ ବିଭିନ୍ନ ଖଣି ଓ କମ୍ପାନୀର ଶହ ଶହ ଟ୍ରକ୍, ଡମ୍ପର ଓ ଅନ୍ୟ ଭାରିଯାନ ଏହି ରାସ୍ତା ଦେଇ ବିଭିନ୍ନ ରେଳସାଇଡିଂକୁ ଖଣିଜ ଦ୍ରବ୍ୟ ପରିବହନ କରୁଛି। ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଛି। ଅନ୍ୟପକ୍ଷେ ଅଣତାଲିମପ୍ରାପ୍ତ, ଅନଭିଜ୍ଞ ଡ୍ରାଇଭରଓ ପଡୋଶୀ ଝାଡଖଣ୍ଡ ରାଜ୍ୟରୁ ନକଲି ଲାଇସେନ୍ସ ଆଣି ଭାରିଯାନ ଚଳାଉଥିବା ଚାଳକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ପୂର୍ବରୁ ଏଠାକାର ଖଣିରେ ଶ୍ରମିକଙ୍କ ଦ୍ୱାରା ଖଣିଜ ଉତ୍ତୋଳନ ହେବା ସହିତ ଟ୍ରକ୍, ଡମ୍ପର ଚଳାଚଳ ସମିତ ରହିଥିଲା। ଏଣୁ ପ୍ରଦୂଷଣର ମାତ୍ରା ବହୁତ କମ୍ ଥିଲା। ଦିନକୁଦିନ ଖଣିଖନନ ବୃଦ୍ଧି, ଜଙ୍ଗଲନଷ୍ଟ ହେବା ସାଙ୍ଗକୁ ଶ୍ରମିକ ଛଟେଇ କରି ମେସିନ୍ ଦ୍ୱାରା ଖଣିଜ ଉତ୍ତୋଳନ ହେବା ପରେ ବାସ୍ତବ ଚିତ୍ର ବଦଳିବାରେ ଲାଗିଛି। ଦୀର୍ଘ ବର୍ଷ ଧରି ରାସ୍ତା ମରାମତି ନ ହେବାରୁ ଖଣିଜ ପରିବହନ ବେଳେ ଧୂଳି ଉଡି ସ୍ଥାନୀୟ ଅଞ୍ଚଳକୁ ପ୍ରଦୂଷିତ କରୁଛି । ରାଜ୍ୟ ରାଜପଥରୁ ପ୍ରାୟ ୧ କି.ମି. ଦୂର ପର୍ଯ୍ୟନ୍ତ ଥିବା ଗ୍ରାମଗୁଡିକ ସବୁବେଳେ ଧୂଳି ଧୂଆଁରେ ଆଚ୍ଛାଦିତ ହୋଇରହୁଛି । ଜୁରୁଡି ଅଞ୍ଚଳର ଦୁଷ୍ମନ୍ତ ପାତ୍ର, ଲାଲମୋହନ ମୁଣ୍ଡା, ବୀର ପେଣ୍ଠେଇ, ଦାସ ପେଣ୍ଠେଇ ପ୍ରମୁଖ ଏହି ଅଭିଯୋଗ କରି କହିଛନ୍ତି ଯେ, ଜଳ ଉତ୍ସରେ ଧୂଳି କଣା ମିଶିବା ଯୋଗୁ ସେମାନେ ବ୍ୟବହାର କରୁଥିବା ପାନୀୟ ଜଳ ପିଇବା ଉପଯୋଗୀ ହେଉନାହିଁ । ଖାଦ୍ୟପଦାର୍ଥ ପ୍ରଦୂଷିତ ହେଉଛି। ବାହାରେ ଶୁଖାଯାଉଥିବା ଲୁଗାପଟାରେ ଧୂଳି ପଡି ବେରଙ୍ଗ ହୋଇଯାଉଛି । ରାସ୍ତା କଡରେ ଥିବା ଘର ଓ ଗଛ ପତ୍ରରେ ଧୂଳିସ୍ତର ଜମି ରହୁଛି। ଭିତ୍ତିଭୂମିର ବିକାଶ ନ କରି ଦୈନିକ ଲକ୍ଷାଧିକ ଟନ ଖଣିଜ ଓ ପିଲେଟ ପରିବହନ କରାଯାଉଥିବାରୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପ୍ରଦୂଷଣ ସମସ୍ୟା ବଢାଉଛି।



ଯୋଡା ଅଞ୍ଚଳ ରାସ୍ତାରେ ଉଡୁଛି ଧୂଳି।

ପରିବେଶବିତଙ୍କ ସୂଚନାନୁଯାୟୀ, ୧କ୍ୟୁବିକ ମିଟର ଅଞ୍ଚଳରେ ୧ଶହ ମାଇକ୍ରୋ ଗ୍ରାମ ଧୂଳିକଣା ରହିବା ଏକ ସ୍ୱାଭାବିକ ଅବସ୍ଥା। କିନ୍ତୁ ଯୋଡା ଖଣି ଅଞ୍ଚଳରେ ଏହି ଧୂଳିକଣାର ମାତ୍ରା ତିନି ଗୁଣ୍ରୁ ଅଧିକ ବୃଦ୍ଧି ପାଉଛି । ୧କ୍ୟୁବିକ ମିଟର ଅଞ୍ଚଳରେ ଏବେ ୧ଶହ ମାଇକ୍ରୋ ଗ୍ରାମ ବଦଳରେ ୩୦୦ ମାଇକ୍ରୋଗ୍ରାମରୁ ଅଧିକ ଧୂଳିକଣା ମିଶି ରହୁଛି, ଯାହାକି ଉଦବେଗର କାରଣ ହୋଇଛି। ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶାନୁସାରେ ଖଣି ଅଞ୍ଚଳର ବିକାଶ ଲାଗି ୨୦୧୫, ଜାନୁୟାରୀରୁ କେନ୍ଦ୍ରୀୟ ଯୋଜନାରେ ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ (ଡିଏମଏଫ) ପାଣ୍ଠି ଜରିଆରେ ଅର୍ଥ ଖର୍ଚ୍ଚ କରାଯାଇଛି। ଏଯାବତ ପ୍ରାୟ ୨ହଜାର କୋଟି ଟଙ୍କା ଆଦାୟ ହୋଇଥିଲେ ବି ପ୍ରଦୂଷଣଜନିତ ସମସ୍ୟାର ପ୍ରତିକାର ଏବଂ ଭିତ୍ତିଭୂମି ବିକାଶ ଦିଗରେ ଟଙ୍କାଟିଏ ଖର୍ଚ୍ଚ କରାଯାଉନାହିଁ ବୋଲି ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର ଅଭିଯୋଗ କରିଛନ୍ତି। ପ୍ରଶାସନିକ ଅବହେଳା ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଯୋଡା ଅଞ୍ଚଳବାସୀ ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହର ମଧ୍ୟ ଦେଇ ଯାଇଥିବା ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ ରଖି ବିକଳ୍ପ ବ୍ୟବସ୍ଥା ସ୍ୱରୂପ ରଣାଶାଳଠାରୁ କମାର ଯୋଡା ପର୍ଯ୍ୟନ୍ତ ଫ୍ଲାଏଓଭର ରାସ୍ତା ନିର୍ମାଣ ସକାଶେ ଯୋଡା ବିକାଶ ପରିଷଦ ଦୀର୍ଘଦିନ ଧର ଦାବି କରି ଆସୁଛି । ରାଜ୍ୟ ସରକାର ଯୋଡାର ବିଭିନ୍ନ ସମସ୍ୟା ନେଇ କେନ୍ଦ୍ର ଉପରେ ଦୋଷାରୋପ କରି ନୀରବ ରହୁଥିବାରୁ ଅଞ୍ଚଳବାସୀଙ୍କ ଜୀବନ ଧୂଳିଧୂଆଁରେ ରୁନ୍ଧି ହେବାରେ ଲାଗିଛି। ଏ ଦିଗରେ ଶୀଘ୍ର ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଦଳଗତ ନିର୍ବିଶେଷରେ ଯୋଡା ବନ୍ଦ ଡାକରା ଦିଆଯିବା ସହ ଅର୍ଥନୈତିକ ଅବରୋଧ କରାଯିବ ବୋଲି ବିକାଶ ପରିଷଦର ସଭାପତି ବହିଦାର କହିଛନ୍ତି।

